## ଅଧ୍ୟାୟ-୭
## ବିବିଧ

**୬୯. ସମର୍ଥ ବ୍ୟକ୍ତି ଓ ସମର୍ଥ ଅନୁଷ୍ଠାନକୁ ସ୍ୱୀକୃତି-**

(୧) ଯତ୍ନ, ସୁରକ୍ଷା ବା ଚିକିତ୍ସା ଲୋଡୁଥିବା ଜଣେ କିଶୋର ବା ବାଳୁତକୁ ଆବଶ୍ୟକ ସମୟ-ଅବଧି ପାଇଁ ଅସ୍ଥାୟୀ ଭାବେ ନିଜ ହେପାଜତ୍‌ରେ ରଖିବା ସକାଶେ ଯେଉଁ ବ୍ୟକ୍ତି ଇଚ୍ଛୁକ ଥିବେ, କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ତାଙ୍କର ବିଶ୍ୱସନୀୟତା ଏବଂ ସୁନାମ ବିଷୟରେ ଯଥୋଚିତ ଯାଞ୍ଚ କରିବା ପରେ ତାଙ୍କୁ ଏକ ସମର୍ଥ ବ୍ୟକ୍ତି ଭାବେ ସ୍ୱୀକୃତି ଦେଇପାରନ୍ତି ।

(୨) ଯଦି ଗୋଟିଏ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନର ପରିଚାଳକ ଯତ୍ନ, ସୁରକ୍ଷା ବା ଚିକିତ୍ସା ଲୋଡୁଥିବା ଜଣେ କିଶୋର ବା ବାଳୁତକୁ ଆବଶ୍ୟକ ସମୟ-ଅବଧି ପାଇଁ ଅସ୍ଥାୟୀ ଭାବେ ନିଜ ହେପାଜତ୍‌ରେ ରଖିବା ସକାଶେ ଇଚ୍ଛୁକ ଥିବେ, ତେବେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସୁପାରିଶ୍ ଭିତ୍ତିରେ ରାଜ୍ୟ ସରକାର ତାକୁ ଏକ ସମର୍ଥ ଅନୁଷ୍ଠାନ ଭାବେ ସ୍ୱୀକୃତି ଦେଇପାରନ୍ତି ।

(୩) ସମର୍ଥ ଅନୁଷ୍ଠାନ ଭାବେ ସ୍ୱୀକୃତି ପାଇଥିବା ଏକ ଅନୁଷ୍ଠାନ ନିମ୍ନୋକ୍ତ ମତେ ନିଜର ଭୂମିକା ତୁଲାଇବେ-

(ଏ) ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀରେ ଯତ୍ନ ନିର୍ବାହ ଉପରେ ସୂଚୀତ ହୋଇଥିବା ମାନଦଣ୍ଡକୁ ପାଳନ କରିବା ;

(ବି) ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀରେ ଯତ୍ନ ନିର୍ବାହ ଉପରେ ସୂଚୀତ ହୋଇଥିବା ମାନଦଣ୍ଡକୁ ପାଳନ କରିବା ପାଇଁ କ୍ଷମତା ଏବଂ ଇଚ୍ଛା ଥିବ ;

(ସି) କିଶୋର ବା ବାଳୁତମାନଙ୍କର ଯତ୍ନ ଓ ସୁରକ୍ଷା ପାଇଁ ସେମାନଙ୍କୁ ନିଜ ହେପାଜତ୍‌କୁ ଆଣିବା ଏବଂ ମୌଳିକ ସେବାମାନ ଯୋଗାଇଦେବା ;

(ଡି) ଜଣେ କିଶୋର ବା ବାଳୁତ ଯେ କୌଣସି ପ୍ରକାର ନିଷ୍ଠୁରତା ବା ଶୋଷଣ ବା ହତାଦରର ଶୀକାର ହେବାକୁ ପ୍ରତିଷେଧ କରିବା ; ଏବଂ

(ଇ) କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶଗୁଡିକର ଅନୁପାଳନ କରିବା ।

(୪) ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଥିବା ସମର୍ଥ ଅନୁଷ୍ଠାନମାନଙ୍କର ଏକ ତାଲିକା ପରିଷଦ ଓ କମିଟିଙ୍କ କାର୍ଯ୍ୟାଳୟରେ ଉପଲବ୍‌ଧ ରହିବ ।

(୫) ଯଦି ସମପାର୍ଶ୍ୱିକ ଶାଖାସମୂହ ଥିବା ଏକ ସମର୍ଥ ଅନୁଷ୍ଠାନରେ ଗୋଟିଏ କିଶୋର ବା ବାଳୁତ ଦାଖଲ ହୋଇଥାଏ, ତେବେ ଉକ୍ତ ଅନୁଷ୍ଠାନ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ଲୋଡିବା ପରେ ତଥା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶ ବଳରେ ସେହି କିଶୋର ବା ବାଳୁତକୁ ନିଜର ଯେ କୌଣସି ଶାଖାକୁ ପଠାଇ ଦେଇପାରେ ।

(୬) ଜଣେ ବ୍ୟକ୍ତିକୁ ସମର୍ଥ ବ୍ୟକ୍ତି ଭାବେ ଘୋଷଣା କରିବା ବା ଗୋଟିଏ ଅନୁଷ୍ଠାନକୁ ଏକ ସମର୍ଥ ଅନୁଷ୍ଠାନ ଭାବେ ସୁପାରିଶ୍ କରିବା ପୂର୍ବରୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯଥାବିଧି ଅନୁସନ୍ଧାନ କରିବେ ଏବଂ କେବଳ ସେ ହୃଦ୍‌ବୋଧ କଲା ପରେ ସ୍ୱୀକୃତି ପ୍ରଦାନ କରାଯିବ ।

**୭୦. ଅନୁଷ୍ଠାନ ଓ ଯତ୍ନୋତ୍ତର ସଂଗଠନସମୂହକୁ ପ୍ରମାଣପତ୍ର ବା ସ୍ୱୀକୃତି ପ୍ରଦାନ ବା ସେସବୁର ପରିଚାଳନା ହସ୍ତାନ୍ତର-**

(୧) କୌଣସି ସଂଗଠନ ଏହି ଆଇନ୍ ଅଧୀନରେ ପ୍ରମାଣପତ୍ର ହାସଲ କରିବାକୁ ଚାହିଁଲେ ସେ ଏକ ଦରଖାସ୍ତ ସହିତ ସଂଗଠନର ନିୟମାବଳୀ ଓ ଉପନିୟମାବଳୀର ଏକ କିତା ଲେଖାଁ ନକଲ ଏବଂ ସଂଗଠନ ପରିଚାଳନା କରୁଥିବା ସଂସ୍ଥାର ସଦସ୍ୟ ଓ ପଦାଧିକାରୀମାନଙ୍କର ଏକ ତାଲିକା ତଥା ସଂଗଠନ ତରଫରୁ ଅତୀତରେ ସମ୍ପାଦିତ ହୋଇଥିବା ସ୍ୱତନ୍ତ୍ର ବାଳୁତ ଯତ୍ନ ସେବାସମୂହର ସ୍ଥିତି ଏବଂ ସୂଚନା ବହନ କରିଥିବା ଏକ ବିବୃତ୍ତି ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବେ ଏବଂ ରାଜ୍ୟ ସରକାର ଆଶ୍ରୟ ଓ ରହଣି, ସାଧାରଣ ସ୍ୱାସ୍ଥ୍ୟ, ଶିକ୍ଷା ପାଇଁ ସୁବିଧା, ବୈଷୟିକ ତାଲିମ୍ ଏବଂ ଚିକିତ୍ସା ସେବାସମୂହ ପାଇଁ ସଂଗଠନରେ ଥିବା ବ୍ୟବସ୍ଥାଗୁଡିକର ଯାଞ୍ଚ କଲାପରେ ଆଇନ୍‌ର ଧାରା ୮, ୯, ୩୪, ୩୭, ୪୧ ଏବଂ ୪୪ ଅଧୀନରେ ପ୍ରମାଣପତ୍ର ବା ଯଥାସ୍ଥିତି ସର୍ତ୍ତଭିତ୍ତିକ ସ୍ୱୀକୃତି ମଞ୍ଜୁର କରିପାରନ୍ତି; ସର୍ତ୍ତଟି ହେଲା, ସଂଗଠନ ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀରେ ସମୟାନ୍ତରରେ ସୂଚୀତ ହେଉଥିବା ମାନଦଣ୍ଡ ଓ ସେବାସମୂହର ବ୍ୟବସ୍ଥା କରିବ ତଥା ନିଜ ହେପାଜତ୍ ଅଧୀନକୁ ଆସୁଥିବା କିଶୋର ବା ବାଳୁତମାନଙ୍କର ସର୍ବାଙ୍ଗୀନ ଅଭିବୃଦ୍ଧି ଓ ବିକାଶକୁ ସୁନିଶ୍ଚିତ କରିବ ।

(୨) ଯେଉଁ ସଂଗଠନ ଆଇନ୍ ଅଧୀନରେ ସ୍ୱୀକୃତି ଚାହିଁବ, ସେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ ଦାଖଲ କରିବ, ଯେ କି ଯଥାବିଧି ଅନୁସନ୍ଧାନ କରିସାରିଲା ପରେ ଏପ୍ରକାର ସ୍ୱୀକୃତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବ ।

(୩) ଗୋଟିଏ ସରକାର ପରିଚାଳିତ ଅନୁଷ୍ଠାନର ପରିଚାଳନାକୁ ରାଜ୍ୟ ସରକାର ସେଭଳି ଗୋଟିଏ ସୁପରିଚିତ ସ୍ୱେଚ୍ଛାସେବୀ ସଂଗଠନକୁ ହସ୍ତାନ୍ତର କରିପାରନ୍ତି, ଯାହାର ଏପରି ଗୋଟିଏ ଅନୁଷ୍ଠାନକୁ ପରିଚାଳନା ପାଇଁ କ୍ଷମତା ରହିଥିବ; ଏବଂ ଉକ୍ତ ସ୍ୱେଚ୍ଛାସେବୀ ସଂଗଠନ ଆବଶ୍ୟକୀୟ ଦାୟିତ୍ୱମାନ ନିର୍ବାହ କରିପାରିବା ପାଇଁ ଏକ ସମର୍ଥ ଅନୁଷ୍ଠାନ ବୋଲି ଏକ ରାଜିନାମା ବଳରେ ରାଜ୍ୟ ସରକାର ଏକ ବିନିର୍ଦ୍ଦିଷ୍ଟ ସମୟ-ସୀମା ପାଇଁ ତାକୁ ପ୍ରମାଣପତ୍ର ବା ସ୍ୱୀକୃତି ପ୍ରଦାନ କରି ପାରନ୍ତି ।

(୪) ଯଦି ଆଇନ୍ ଅଧୀନରେ ପ୍ରମାଣପତ୍ର ବା ସ୍ୱୀକୃତି ଲାଭ କରିଥିବା ସ୍ୱେଚ୍ଛାସେବୀ ସଂଗଠନଙ୍କ ସର୍ତ୍ତାବଳୀ, ନିୟମାବଳୀ ଓ ସଂଗଠନ ପରିଚାଳନା ପ୍ରତି ରାଜ୍ୟ ସରକାର କଦବା ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ସଂଗଠନର ପରିଚାଳକଙ୍କ ନିକଟକୁ ଏକ ନୋଟିସ୍‌ରେ ଘୋଷଣା କରିବେ ଯେ, ଉକ୍ତ ସଂଗଠନର ଯଥାସ୍ଥିତି ପ୍ରମାଣପତ୍ର ବା ସ୍ୱୀକୃତି ସେହି ନୋଟିସ୍‌ରେ ବିନିର୍ଦ୍ଦିଷ୍ଟ ହୋଇଥିବା ତାରିଖ ଠାରୁ ପ୍ରତ୍ୟାହୃତ ହୋଇଯାଇଛି, ଏବଂ ଉକ୍ତ ସଂଗଠନ ସେହି ତାରିଖ ଠାରୁ ଆଇନ୍‌ର ଧାରା ୮, ୯, ୩୪, ୩୭, ୪୧ ବା ଯଥାସ୍ଥିତି ଧାରା ୪୪ ଅଧୀନରେ ପ୍ରମାଣପତ୍ର ବା ସ୍ୱୀକୃତି ଲାଭ କରିଥିବା ଏକ ସଂଗଠନ ରୂପେ କାର୍ଯ୍ୟ କରିପାରିବ ନାହିଁ:

ପରନ୍ତୁ, ଉକ୍ତ ସଂଗଠନର ପ୍ରମାଣପତ୍ର ବା ସ୍ୱୀକୃତି ପ୍ରତ୍ୟାହାର ପାଇଁ ଦର୍ଶୀତ କାରଣଗୁଡିକ ବିରୁଦ୍ଧରେ ତିରିଶ ଦିନ ମଧ୍ୟରେ ନିଜର ଲିଖିତ ବୟାନ୍ ପେଶ୍ କରିବାର ସୁଯୋଗ ସଂପୃକ୍ତ ସଂଗଠନକୁ ଦିଆଯିବ ।

(୫) ଆଇନ୍‌ର ଧାରା ୬୨ ଅଧୀନରେ ସ୍ୱତନ୍ତ୍ର ଭାବେ ଗଠିତ ଉପଦେଷ୍ଟା ପରିଷଦ ଦ୍ୱାରା ଏକ ପୁଂଖାନୁପୁଂଖ ଅନୁସନ୍ଧାନ କରାଗଲା ପରେ ସଂଗଠନର ପ୍ରମାଣପତ୍ର ବା ସ୍ୱୀକୃତିକୁ ପ୍ରତ୍ୟାହାର ପାଇଁ ବା ପ୍ରତ୍ୟର୍ପଣ ପାଇଁ ନିଷ୍ପତ୍ତି ନିଆଯାଇ ପାରେ ।

(୬) ଉପଦେଷ୍ଟା ପରିଷଦଙ୍କ ରିପୋର୍ଟ ଭିତ୍ତିରେ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କୁ ତିରିଶ ଦିନ ଭିତରେ କାରଣ ଦର୍ଶାଅ ସ୍ପଷ୍ଟୀକରଣ ଦେବା ପାଇଁ କୁହାଯିବ ।

(୭) ଯେଉଁସ୍ଥଳେ ଆଇନ୍‌ର ଧାରା ୮, ୯, ୩୪, ୩୭, ୪୧ ବା ଧାରା ୪୪ ଅଧୀନରେ ପ୍ରମାଣପତ୍ର ବା ସ୍ୱୀକୃତି ଲାଭ କରିଥିବା ଗୋଟିଏ ସଂଗଠନ ନିଜର ଏତାଦୃଶ ସ୍ଥିତି ହରାଇବସେ, ସେପରି ସ୍ଥଳେ ସେଠାରେ ଆଶ୍ରିତ ଥିବା କିଶୋର ବା ବାଳୁତମାନଙ୍କୁ ଆଇନ୍‌ର ଧାରା ୮, ୯, ୩୪, ୩୭, ୪୧ ବା ଧାରା ୪୪ ଅଧୀନରେ ପ୍ରମାଣପତ୍ର ବା ସ୍ୱୀକୃତି ଲାଭ କରିଥିବା ଗୋଟିଏ ସୁପରିଚିତ ସଂଗଠନକୁ ସ୍ଥାନାନ୍ତର କରାଯିବ, ନଚେତ୍ ସେମାନଙ୍କୁ ଖଲାସ କରିଦିଆଯିବ, ଏବଂ ଏଭଳି କ୍ଷେତ୍ରରେ ଖଲାସ ଏବଂ ସ୍ଥାନାନ୍ତର ସମ୍ବନ୍ଧରେ ଆଇନ୍ ଓ ନିୟମାବଳୀରେ ଥିବା ବ୍ୟବସ୍ଥାମାନ ଅନୁପାଳିତ ହେବ ତଥା ଏଭଳି ଖଲାସ ବା ସ୍ଥାନାନ୍ତର ସମ୍ବନ୍ଧରେ ଯଥାସ୍ଥିତି ପରିଷଦ ବା କମିଟିଙ୍କୁ ଅବଗତ କରାଯିବ ।

**୭୧. ଆଇନ୍ ଅଧୀନରେ ପଂଜିକରଣ-**

(୧) ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଆନୁଷ୍ଠାନିକ ଓ ଅଣ-ଆନୁଷ୍ଠାନିକ ଯତ୍ନ-ନିର୍ବାହ ସେବାସମୂହ ପରିଚାଳନା କରୁଥିବା ଅନୁଷ୍ଠାନ ଓ ସଂଗଠନମାନେ ସରକାରଙ୍କ ଦ୍ୱାରା ପରିଚାଳିତ ହୁଅନ୍ତୁ ବା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା, କିନ୍ତୁ ସେମାନେ ସମସ୍ତେ ଆଇନ୍‌ର ଧାରା ୩୪ ଅଧୀନସ୍ଥ ଉପଧାରା (୩) ଅନୁଯାୟୀ ପଂଜିକୃତ ହେବେ ।

(୨) ଏହି ସମସ୍ତ ଅନୁଷ୍ଠାନ ରାଜ୍ୟ ସରକାରଙ୍କ ନିକଟରେ ଏକ ଦରଖାସ୍ତ ସହିତ ସଂଗଠନର ନିୟମାବଳୀ, ଉପ-ନିୟମାବଳୀ ଏବଂ ଜ୍ଞାପକ, ପରିଚାଳନା କମିଟିର ସଦସ୍ୟବୃନ୍ଦ, ପଦାଧିକାରୀବୃନ୍ଦ, ତିନିବର୍ଷର ଦେଣା-ପାଉଣା ସନ୍ତୁଳନ ବିବରଣୀ, ତଥା ଅନୁଷ୍ଠାନ ବ ସଂଗଠନ ଦ୍ୱାରା ଅତୀତରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ସାମାଜିକ ବା ସର୍ବସାଧାରଣ ସେବା ସମ୍ବନ୍ଧରେ ଏକ ବିବୃତ୍ତି ଦାଖଲ କରିବେ, ଏବଂ ରାଜ୍ୟ ସରକାର ଉକ୍ତ ଅନୁଷ୍ଠାନ ବ ସଂଗଠନରେ ବାଳୁତମାନଙ୍କର ଯତ୍ନ ଓ ସୁରକ୍ଷା ତଥା ସ୍ୱାସ୍ଥ୍ୟ, ଶିକ୍ଷା, ଆଶ୍ରୟ ଓ ରହଣି ପାଇଁ ସୁବିଧାମାନ ତଥା ଆବଶ୍ୟକ ସ୍ଥଳେ ବୈଷୟିକ ସୁବିଧା ଓ ଥଇଥାନ ପାଇଁ ସୁଯୋଗର ବ୍ୟବସ୍ଥାମାନ ଯାଞ୍ଚ କଲା ପରେ ଆଇନ୍‌ର ଧାରା ୩୪ ଅଧୀନରେ ଉପଧାରା (୩) ଏବଂ ଏହି ନିୟମ ଅନୁଯାୟୀ ଉକ୍ତ ସଂଗଠନ ସପକ୍ଷରେ ଏକ ପଂଜିକରଣ ପ୍ରମାଣପତ୍ର ଜାରି କରିବେ ।

**୭୨. ପଂଜିକୃତ ବା ସ୍ୱୀକୃତିପ୍ରାପ୍ତ ସଂଗଠନକୁ ସହାୟତା ଅନୁଦାନ-**

(୧) ଆଇନ୍‌ର ଧାରା ୮, ୯, ୩୪, ୩୪(୩), ୩୭ ବା ୪୪ ଅଧୀନରେ ପ୍ରମାଣୀକୃତ ବା ସ୍ୱୀକୃତିପ୍ରାପ୍ତ ବା ପଂଜିକୃତ ହୋଇଥିବା ଏକ ସଂଗଠନ ପ୍ରମାଣପତ୍ର ବା ସ୍ୱୀକୃତି ବା ପଂଜିକରଣ କାଏମ୍ ଥିବା ସମୟରେ ରାଜ୍ୟ ସରକାରଙ୍କ ନିକଟରେ ସହାୟତା ଅନୁଦାନ ପାଇଁ ଆବେଦନ କରିପାରନ୍ତି, ଏବଂ ଏହି ଅନୁଦାନ ଆଇନ୍ ଅଧୀନରେ ଉକ୍ତ ସଂଗଠନ ଗ୍ରହଣ କରୁଥିବା କିଶୋର ବା ବାଳୁତଙ୍କର ରକ୍ଷଣାବେକ୍ଷଣ କରିବା, ଏବଂ ସେମାନଙ୍କର ଶିକ୍ଷା, ଚିକିତ୍ସା, ବୈଷୟିକ ତାଲିମ୍, ବିକାଶ ଏବଂ ଥଇଥାନ ବାବଦ ଖର୍ଚ୍ଚକୁ ଭରଣା କରିବା ପାଇଁ ଉଦ୍ଦିଷ୍ଟ ।

(୨) ଉକ୍ତ ଅନୁଦାନ ମଞ୍ଜୁର କରାଯିବ ସେହି ହାରରେ ଯାହାକି ବିହିତ ହୋଇଥିବା ମାନଦଣ୍ଡକୁ ପୂରଣ କରିବା ପାଇଁ ଯଥେଷ୍ଟ ହେଉଥିବ ତଥା ସେହି ପଦ୍ଧତିରେ ଏବଂ ସେହିସବୁ ସର୍ତ୍ତାବଳୀ ଅଧୀନରେ ଯାହାକି ଉଭୟ ପକ୍ଷଙ୍କ ପାରସ୍ପରିକ ସହମତିରେ ଧାର୍ଯ୍ୟ ହୋଇଥିବ ।

(୩) ଯେଉଁସ୍ଥଳେ ଆଇନ୍‌ର ଧାରା ୮,୯, ୩୪, ୩୪(୩), ୩୭ ଓ ୪୪ ଅନୁଯାୟୀ ସରକାର ପରିଚାଳିତ ଗୃହର ପରିଚାଳନା ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନକୁ ହସ୍ତାନ୍ତରିତ ହୁଏ, ସେପରି

ସ୍ଥଳେ ଉକ୍ତ ଗୃହ ପାଇଁ ସରକାର ଯେଉଁ ବଜେଟ୍ ଅନୁଯାୟୀ ଖର୍ଚ୍ଚ କରୁଥିଲେ, ତାହା ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନକୁ ସହାୟତା ଅନୁଦାନ ଆକାରରେ ଅର୍ପଣ କରାଯିବ ଏବଂ ଏହି ଅନୁଦାନ ବ୍ୟବସ୍ଥା ଉଭୟ ପକ୍ଷଙ୍କ ଭିତରେ ସ୍ୱାକ୍ଷରିତ ଏଭଳି ଏକ ଚୁକ୍ତିନାମା ଅନୁଯାୟୀ ସମ୍ପାଦିତ ହେବ, ଯେଉଁଥିରେ ଉଭୟ ପକ୍ଷଙ୍କ ଭୂମିକା ଏବଂ ଦାୟିତ୍ୱାବଳୀ ଲିପିବଦ୍ଧ ଥିବ ।

**୭୩. ବାହାର ବ୍ୟକ୍ତିଙ୍କ ପ୍ରବେଶ ଅଧିକାର-**

(୧) ଭାରପ୍ରାପ୍ତ ଅଧିକାରୀଙ୍କ ଅନୁମତି ବିନା ବା ପରିଷଦ କିମ୍ବା କମିଟିଙ୍କ ଆଦେଶ ବିନା କୌଣସି ଅଚିହ୍ନା ବ୍ୟକ୍ତି ଅନୁଷ୍ଠାନର ହତା ଭିତରେ ପ୍ରବେଶ କରିପାରିବେ ନାହିଁ ।

(୨) କେତେକ ବିଶେଷ ପରିସ୍ଥିତିରେ ଯେଉଁ ସ୍ଥଳେ ପିତାମାତା ବା ଅଭିଭାବକ ଅନ୍ୟ ଏକ ରାଜ୍ୟ ବା ଜିଲ୍ଲାରୁ ଦୀର୍ଘ ପଥ ଅତିକ୍ରମ କରି ପହଞ୍ଚିଥାନ୍ତି, ସେପରି ସ୍ଥଳେ ଭାରପ୍ରାପ୍ତ ଅଧିକାରୀ ସେମାନଙ୍କୁ ହତା ଭିତରେ ପ୍ରବେଶ କରିବା ପାଇଁ ତଥା ସେମାନଙ୍କର ବାଳୁତମାନଙ୍କୁ ଦେଖା କରିବା ପାଇଁ ଅନୁମତି ଦେବେ; ପରନ୍ତୁ ସେହି ପିତାମାତା ବା ଅଭିଭାବକଙ୍କର ଉପଯୁକ୍ତ ପରିଚୟ ଥିବ ଏବଂ ସେମାନେ ସଂପୃକ୍ତ କିଶୋର ବା ବାଳୁତକୁ ଦୁର୍ବ୍ୟବହାର ବା ଶୋଷଣର ଶରବ୍ୟ କରିଥିବାର କୌଣସି ରିପୋର୍ଟ ନଥିବ ।

**୭୪. ପରିଚୟ ଫଟୋ-**

(୧) ଆଇନ୍ ଅଧୀନରେ ସ୍ଥାପିତ ପ୍ରତି ଗୃହରେ ଜଣେ କିଶୋର ବା ବାଳୁତ ପ୍ରବେଶ କରିବା ମାତ୍ରେ ତାହାର ଫଟୋଗ୍ରାଫ୍ ନିଆଯିବ ।

(୨) ଗୋଟିଏ ଫଟୋ ସଂପୃକ୍ତ କିଶୋର ବା ବାଳୁତର ମାମଲା ଫାଇଲ୍‌ରେ ରଖାଯିବ, ଗୋଟିଏ ଫଟୋକୁ କ୍ରମିକ କାର୍ଡରେ ସ୍ଥାନିତ କରାଯିବ, ଆଉ ଗୋଟିଏ ଫଟୋକୁ କ୍ରମିକ ସଂଖ୍ୟା ଦିଆଯାଇ ଆଲ୍‌ବମ୍‌ରେ ରଖାଯିବ ଏବଂ ଫଟୋର ନେଗେଟିଭ୍‌କୁ ଆଉ ଏକ ଅଲଗା ଆଲ୍‌ବମ୍‌ରେ ରଖାଯିବ, ଏବଂ ପୁଣି ଗୋଟିଏ ଲେଖାଁ ଫଟୋ ଯଥାସ୍ଥିତି ପରିଷଦ ବା କମିଟିଙ୍କ ନିକଟକୁ ତଥା ଜିଲ୍ଲା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ନିକଟକୁ ପଠାଯିବ ।

(୩) ଯେଉଁସ୍ଥଳେ ଜଣେ ବାଳୁତ ଗୋଟିଏ ଅନୁଷ୍ଠାନରୁ ନିଖୋଜ ହୋଇଯାଏ ବା ଯେଉଁସ୍ଥଳେ ନିଖୋଜ ହୋଇଥିବା କୌଣସି ବାଳୁତ ଏକ ଅନୁଷ୍ଠାନର ହସ୍ତଗତ ହୁଏ, ସେପରି ସ୍ଥଳେ ସଂପୃକ୍ତ ବାଳୁତର ଫଟୋଗ୍ରାଫ୍ ସହିତ ପ୍ରାସଙ୍ଗିକ ବିଶଦ୍ ସୂଚନା ନିଖୋଜ ବ୍ୟକ୍ତି ସଂସ୍ଥା ତଥା ସ୍ଥାନୀୟ ପୋଲିସ୍ ଥାନାକୁ ପଠାଇଦିଆଯିବ ।

**୭୫. ସାଦା-ପୋଷାକ ପୋଲିସ୍ ବ୍ୟବସ୍ଥା-**

ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଅଧୀନରେ ଜଣେ କିଶୋର ବା ବାଳୁତ ବିଷୟରେ ବୁଝାଶୁଝା କଲାବେଳେ, କେବଳ ଗିରଫ କରିବା ମୁହୂର୍ତ୍ତକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସମୟରେ ସଂପୃକ୍ତ ପୋଲିସ୍ ଅଧିକାରୀ ସାଦା ପୋଷାକ ପିନ୍ଧିଥିବେ, ପୋଲିସ୍ ୟୁନିଫର୍ମ ନୁହେଁ ।

**୭୬. ହାତକଡି ଓ ଜଞ୍ଜିର ବ୍ୟବହାରକୁ ନିଷିଦ୍ଧ-**

ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଅଧୀନରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା କୌଣସି ବାଳକ କିମ୍ବା ଆଇନ୍ ସହ ଦ୍ୱନ୍ଦ୍ୱ ଗ୍ରସ୍ତ କୌଣସି କିଶୋର ପ୍ରତି ହାତକଡି କିମ୍ବା ଜଞ୍ଜିର୍ ପ୍ରୟୋଗ କରାଯାଇ ପାରିବ ନାହିଁ ।

**୭୭. ଆଇନ୍ ଅଧୀନରେ କ୍ଷମତାପ୍ରାପ୍ତ ହୋଇନଥିବା ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପାଳନୀୟ ପ୍ରକ୍ରିୟା-**

(୧) ଯେଉଁସ୍ଥଳେ କୌଣସି କିଶୋର ବା ବାଳକକୁ ପରିଷଦ ବା କମିଟି ଆଗରେ ହାଜର୍ କରାନଯାଇ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ହାଜର୍ କରାଯାଇଥାଏ ଏବଂ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ମତରେ ଉକ୍ତ ବ୍ୟକ୍ତି ଜଣେ କିଶୋର ବା ବାଳକ ଅଟନ୍ତି, ସେପରି ସ୍ଥଳେ ସେ ନିଜେ ମନେ କରୁଥିବା କାରଣଗୁଡିକୁ ଲିପିବଦ୍ଧ କରିବେ ତଥା ଉକ୍ତ କିଶୋର ବା ବାଳକକୁ ଯଥୋଚିତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବେ ।

(୨) ଯେଉଁସ୍ଥଳେ ଜଣେ କିଶୋରକୁ ଆଇନ୍ ଅଧୀନରେ କ୍ଷମତାପ୍ରାପ୍ତ ହୋଇନଥିବା ଜଣେ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ହାଜର୍ କରାଯାଇଥାଏ, ସେପରି ସ୍ଥଳେ ଉକ୍ତ ମାଜିଷ୍ଟ୍ରେଟ୍ ସେହି ମାମଲାକୁ ଅନୁସନ୍ଧାନ ଓ ଫଇସଲା ଉଦ୍ଦେଶ୍ୟରେ ପରିଷଦଙ୍କ ନିକଟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବେ ।

(୩) ଯେଉଁସ୍ଥଳେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳକ କୌଣସି ଅପରାଧର ଶୀକାର ହେବା ପରେ ଏଭଳି ଜଣେ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ହାଜର୍ କରାଯାଇଥାଏ, ଯେ କି ଆଇନ୍ ଅଧୀନରେ କ୍ଷମତାପ୍ରାପ୍ତ ନୁହଁନ୍ତି, ସେପରି ସ୍ଥଳେ ଉକ୍ତ ମାଜିଷ୍ଟ୍ରେଟ୍ ସଂପୃକ୍ତ ବାଳକର ଯତ୍ନ ଓ ସୁରକ୍ଷା, ଥଇଥାନ ଓ ପ୍ରତ୍ୟର୍ପଣ ସଂପର୍କୀତ ବିଷୟକୁ ଯଥୋଚିତ କମିଟିଙ୍କୁ ସ୍ଥାନାନ୍ତର କରିଦେବେ ।

**୭୮. ସ୍ଥାନାନ୍ତର-**

(୧) ଅନୁସନ୍ଧାନ ସମୟରେ ଯଦି ଏହା ଜଣାପଡେ ଯେ, ସଂପୃକ୍ତ କିଶୋର ବା ବାଳକ ଯେଉଁ ସ୍ଥାନରୁ ଆସିଛି, ତାହା ପରିଷଦ ବା କମିଟିର କ୍ଷେତ୍ରାଧିକାର ବାହାରେ, ତେବେ ପରିଷଦ ବା କମିଟି ସେହି କିଶୋର ବା ବାଳକର ସ୍ଥାନାନ୍ତର ପାଇଁ ଆଦେଶ ଜାରି କରିବେ ଏବଂ ଉକ୍ତ ଆଦେଶର ଏକ ନକଲ ରାଜ୍ୟ ସରକାର ବା ଜିଲ୍ଲା ବାଳକ ସୁରକ୍ଷା ଶାଖାକୁ ପଠାଇବେ ।

ପରନ୍ତୁ,

(୧) ସେହି ଆଦେଶ ଉକ୍ତ କିଶୋର ବା ବାଳକର ସର୍ବୋତ୍ତମ ହିତ ପାଇଁ ଉଦ୍ଦିଷ୍ଟ ଥିବ ;

(୨) ଜଣେ ବାଳକକୁ ସ୍ଥାନାନ୍ତର କରାଯାଇ ପାରିବନି କିମ୍ବା ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଅଣାଯାଇ ପାରିବ ନାହିଁ କେବଳ ଏହି କାରଣକୁ ଭିତ୍ତି କରି ଯେ, ସେ ସମସ୍ୟା ସୃଷ୍ଟି କରିଛି ବା ଅନୁଷ୍ଠାନ ଭିତରେ ତାକୁ ସମ୍ଭାଳିବା ଜଟିଳ ହୋଇପଡିଛି, ଅଥବା ସେ କୌଣସି ଦୁରାରୋଗ୍ୟ ବା ମାରାତ୍ମକ ରୋଗରେ ପୀଡିତ ଅଛି ବା ତା'ର କୌଣସି ପ୍ରକାର ପଙ୍ଗୁତା ରହିଛି ;

(୩) ଜଣେ କିଶୋର ବା ବାଳକ ପାଇଁ ଉଦ୍ଦିଷ୍ଟ କାନୁନୀ କାର୍ଯ୍ୟବିଧିରେ ଯେଉଁ ପ୍ରକାର ପ୍ରମାଣ ସଂଗ୍ରହ ଓ ଜେରା ଆବଶ୍ୟକ ପଡିଥାଏ, ତହିଁର ସମ୍ପାଦନ ହେବା ପରେ ହିଁ ସ୍ଥାନାନ୍ତର ପାଇଁ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଇ ପାରେ ; ଏବଂ

(୪) କେଉଁ କାରଣ ଭିତ୍ତିରେ ଏବଂ କେଉଁ ପରିସ୍ଥିତିରେ ଏପ୍ରକାର ସ୍ଥାନାନ୍ତର କରାଯାଉଛି, ତାହା ଲିଖିତ ଭାବେ ଲିପିବଦ୍ଧ ହୋଇ ରହିବ ।

(୨) ରାଜ୍ୟ ସରକାର ବା ରାଜ୍ୟ କିମ୍ବା ଜିଲ୍ଲା ବାଳୁତ ସୁରକ୍ଷା ଶାଖା ତଦନୁଯାୟୀ-

(୧) ସେହି ଯଥୋଚିତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ସ୍ଥାନାନ୍ତର ବିଷୟରେ ସୂଚନା ପଠାଇବେ, ଯାହାଙ୍କର କ୍ଷେତ୍ରାଧିକାର ଥିବ ସେହି ସ୍ଥାନ ଉପରେ, ଯେଉଁଠାକୁ ସଂପୃକ୍ତ ବାଳୁତକୁ ସ୍ଥାନ୍ତର କରିବା ପାଇଁ ପରିଷଦ ବା କମିଟି ଆଦେଶ ଦେଇଛନ୍ତି ; ଏବଂ

(୨) ଏହି ସୂଚନାର ଏକ ନକଲ ସେହି ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ପଠାଇବେ, ଯେଉଁଠାରେ ବାଳୁତଟି ସ୍ଥାନାନ୍ତର ଆଦେଶ ସମୟରେ ଯତ୍ନ ଓ ସୁରକ୍ଷା ପାଇଁ ଆଶ୍ରିତ ଥିବ ।

(୩) ରାଜ୍ୟ ସରକାର ବା ରାଜ୍ୟ କିମ୍ବା ଜିଲ୍ଲା ବାଳୁତ ସୁରକ୍ଷା ଶାଖାଙ୍କ ଠାରୁ ଉକ୍ତ ସୂଚନାର ଏକ ନକଲ ପାଇବା ମାତ୍ରେ ଭାରପ୍ରାପ୍ତ ଅଧିକାରୀ ଉକ୍ତ ବାଳୁତକୁ ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବା ସ୍ଥାନ ବା ବ୍ୟକ୍ତି ନିକଟରେ ପହୁଞ୍ଚାଇବା ପାଇଁ ସରକାରୀ ଖର୍ଚ୍ଚରେ ସହଚର ଯୋଗାଡ କରିବେ ।

(୪) ଏଭଳି ସ୍ଥାନାନ୍ତର ଘଟିବା ସାଥେ ସାଥେ ସଂପୃକ୍ତ କିଶୋର ବା ବାଳୁତର କେଶ୍ ଫାଇଲ୍ ଓ ରେକର୍ଡସମୂହକୁ ସେହି କିଶୋର ବା ବାଳୁତ ସହ ପଠାଇ ଦିଆଯିବ ।

**୭୯. କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ବହିର୍ଭୁତ ସ୍ଥାନକୁ ଜଣେ କିଶୋର ବା ବାଳୁତକୁ ପ୍ରେରଣ କରିବାର କାର୍ଯ୍ୟପ୍ରକ୍ରିୟା-**

(୧) ଯେଉଁସ୍ଥଳେ ଜଣେ କିଶୋର ବା ବାଳୁତର ସାଧାରଣ ବାସସ୍ଥାନ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ବାହାରେ ଅବସ୍ଥିତ, ଅଥଚ ଆଇନ୍‌ର ଧାରା ୫୦ ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଉଚିତ୍ ମନେ କରନ୍ତି, ସେପରି ସ୍ଥଳେ ସେ ଯଥାସ୍ଥିତି ଜଣେ ପରିବୀକ୍ଷା ଅଧିକାରୀ ବା ମାମଲା କର୍ମୀ ବା ବାଳୁତ କଲ୍ୟାଣ ଅଧିକାରୀଙ୍କୁ ଏହିସବୁ ବିଷୟ ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେବେ, ଯଥା କିଶୋର ବା ବାଳୁତକୁ ତା'ର ସାଧାରଣ ବାସସ୍ଥାନରେ ତା'ର ସଂପର୍କୀୟ ବା ଅନ୍ୟ କୌଣସି ବ୍ୟକ୍ତି ନିଜ ହେପାଜତକୁ ନେବା ପାଇଁ ସମର୍ଥ ଏବଂ ଇଚ୍ଛୁକ ଅଟନ୍ତି କି ନାହିଁ ତଥା ଉକ୍ତ ସଂପର୍କୀୟ ବା ଅନ୍ୟ କୌଣସି ସମର୍ଥ ବ୍ୟକ୍ତି ଉକ୍ତ କିଶୋର ବା ବାଳୁତର ଯଥୋଚିତ ଯତ୍ନ ଓ ନିୟନ୍ତ୍ରଣରେ ରଖିବା ପାଇଁ ସକ୍ଷମ ହୋଇପାରିବେ କି ନାହିଁ ।

(୨) ଯେଉଁସ୍ଥଳେ ଜଣେ କିଶୋର ବା ବାଳୁତକୁ ତା'ର ସାଧାରଣ ବାସସ୍ଥାନ ବା ଜଣେ ସଂପର୍କୀୟ ବା ସମର୍ଥ ବ୍ୟକ୍ତିଙ୍କ ନିକଟକୁ ପଠାଯିବା ପାଇଁ ଆଦେଶ ଜାରି ହୋଇଥାଏ, ସେପରି ସ୍ଥଳେ **ଫର୍ମ-୬**ରେ ଉକ୍ତ କିଶୋର ବା ବାଳୁତ ଦ୍ୱାରା ବିନା ବନ୍ଧକରେ ଏକ ପ୍ରତିଜ୍ଞାପତ୍ର ସଂପାଦିତ ହେବ ଏବଂ ତତ୍ ସହିତ ସଂପୃକ୍ତ ସଂପର୍କୀୟ ବା ସମର୍ଥ ବ୍ୟକ୍ତିଙ୍କ ଦ୍ୱାରା ଯଥାସ୍ଥିତି **ଫର୍ମ ୫ ବା ଫର୍ମ ୯**ରେ ଏକ ଚୁକ୍ତିନାମା ସଂପାଦିତ ହେବ ।

(୩) ଉପ-ନିୟମ (୨)ରେ ସୂଚୀତ ହୋଇଥିବା ପ୍ରତିଜ୍ଞାପତ୍ର ବା ଚୁକ୍ତିନାମାର ଉଲ୍ଲଂଘନ ଘଟିଲେ ଉକ୍ତ କିଶୋରକ ପୁଣି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସାମନାରେ ହାଜର ହେବା ପାଇଁ ଦାୟବଦ୍ଧ ରହିବ, ଏବଂ ସେପରି ସ୍ଥଳେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସେହି କିଶୋରକୁ ଗୋଟିଏ ଅନୁଷ୍ଠାନ ପରିଚାଳିତ ଗୃହକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ।

(୪) ଯଦି ଜଣେ କିଶୋର ବା ବାଳୁତ ବିଦେଶ ନାଗରିକ ହୋଇଥାଏ ଏବଂ ନିଜ ପରିବାର ଠାରୁ ସେ ସଂପର୍କ ହରାଇଥାଏ, ତେବେ ସେ ମଧ୍ୟ ସୁରକ୍ଷା ପାଇଁ ହକ୍‌ଦାର ରହିବ ।

(୫) ବିଦେଶ ନାଗରିକ ହୋଇଥିବା ଜଣେ କିଶୋର ବା ବାଳୁତକୁ ସଂପୃକ୍ତ ଦୂତାବାସ ବା ହାଇ କମିଶନ୍ ସହ ସମନ୍ୱୟ ରକ୍ଷା କରି ଯଥାଶୀଘ୍ର ନିଜର ସ୍ୱଦେଶକୁ ପ୍ରତ୍ୟର୍ପଣ କରିଦିଆଯିବ ।

(୬) ପରିଷଦ ବା କମିଟିଙ୍କ ଆଦେଶ ବଳରେ ସ୍ୱଦେଶକୁ ପ୍ରତ୍ୟର୍ପଣ କରାଯାଉଥିବା ପ୍ରତି ବିଦେଶୀ କିଶୋର ବା ବାଳୁତ ନାଗରିକ ସମ୍ବନ୍ଧରେ ପରରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟଙ୍କୁ ପରିଷଦ ବା କମିଟି ଅବଗତ ରଖିବେ ।

(୭) ଆଇନ୍‌ର ଧାରା ୫୦ ଅଧୀନରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଉଥିବା ପ୍ରତି ଆଦେଶର ନକଲ ନିମ୍ନୋକ୍ତଙ୍କ ନିକଟକୁ ପଠାଯିବ-

(ଏ) ଏହି ନିୟମର ଉପ-ନିୟମ (୧) ଅଧୀନରେ ଯେଉଁ ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀଙ୍କୁ ଏକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା;

(ବି) ଯେଉଁ ସ୍ଥାନକୁ ସଂପୃକ୍ତ କିଶୋର ବା ବାଳୁତକୁ ପଠାଯିବ, ସେହି ସ୍ଥାନ ଉପରେ କ୍ଷେତ୍ରାଧିକାର ବହନ କରିଥିବା ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ଯଦି ଥାଆନ୍ତି ;

(ସି) ଯେଉଁ ସ୍ଥାନକୁ ସଂପୃକ୍ତ କିଶୋର ବା ବାଳୁତକୁ ପଠାଯିବ, ସେହି ସ୍ଥାନ ଉପରେ କ୍ଷେତ୍ରାଧିକାର ବହନ କରିଥିବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ; ଏବଂ

(ଡି) ସେହି ସଂପର୍କୀୟ ବା ବ୍ୟକ୍ତି ଯେ କି ସଂପୃକ୍ତ କିଶୋର ବା ବାଳୁତକୁ ନିଜ ହେପାଜତ୍ ଅଧୀନରେ ଗ୍ରହଣ କରିବେ ।

(୮) ଏହି ନିୟମର ଉପନିୟମ (୬) ଅଧୀନରେ ଏକ ଆଦେଶ ଜାରି କରାଯିବାର ପ୍ରକ୍ରିୟା ଅସମାପ୍ତ ଥିବା ସମୟରେ ସଂପୃକ୍ତ କିଶୋର ବା ବାଳୁତକୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯଥାସ୍ଥିତି ଏକ ପରିବେକ୍ଷଣ ଗୃହ ବା ବାଳୁତ ଗୃହକୁ ଆଶ୍ରୟ ପାଇଁ ପଠାଇବେ ।

(୯) ଯେଉଁସ୍ଥଳେ ଆଇନ୍‌ର ଧାରା ୫୦ ଅଧୀନରେ ସଂପୃକ୍ତ କିଶୋର ବା ବାଳୁତକୁ ତା'ର ସାଧାରଣ ବାସସ୍ଥାନକୁ ପଠାଇ ଦେବା ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଜରୁରୀ ମନେ କରନ୍ତି, ସେପରି ସ୍ଥଳେ ସେ ଉକ୍ତ ବାଳୁତର ହେପାଜତ୍ ନେବା ପାଇଁ ପ୍ରସ୍ତୁତ ଥିବା ସଂପର୍କୀୟ ବା ସମର୍ଥ ବ୍ୟକ୍ତିଙ୍କୁ ତଦନୁଯାୟୀ ଅବଗତ କରାଇବେ, ତଥା ତାଙ୍କୁ ସଂପୃକ୍ତ ଗୃହକୁ ସେଭଳି ଏକ ତାରିଖରେ ଆସି ଉକ୍ତ କିଶୋର ବା ବାଳୁତର ହେପାଜତ୍ ଗ୍ରହଣ କରିବା ପାଇଁ ଆମନ୍ତ୍ରଣ ଜଣାଇବେ, ଯାହାକି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ କରାଯାଇଥିବ ।

(୧୦) ଏହି ନିୟମର ଉପନିୟମ (୮) ଅଧୀନରେ ଉକ୍ତ ସଂପର୍କୀୟ ବା ସମର୍ଥ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିଥିବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥଳେ ଏଭଳି ଏକ ନିର୍ଦ୍ଦେଶ ଦେଇପାରିବେ ଯେ, ସଂପୃକ୍ତ କିଶୋର ବା ବାଳୁତକୁ ପଠାଇବା ବେଳେ ଗୃହର ଭାରପ୍ରାପ୍ତ ଅଧିକାରୀ ସଂପୃକ୍ତ ସଂପର୍କୀୟ ବା ସମର୍ଥ ବ୍ୟକ୍ତିଙ୍କର ଏକ ଉପଯୁକ୍ତ ଶ୍ରେଣୀରେ ଦୁଇପଟର ଯାତାୟତ ପାଇଁ ଆବଶ୍ୟକ ପଡୁଥିବା ପ୍ରକୃତ ଖର୍ଚ୍ଚ ସହିତ ସଂପୃକ୍ତ କିଶୋର ବା ବାଳୁତର ଗୃହରୁ ତା'ର ସାଧାରଣ ବାସସ୍ଥାନକୁ ଗସ୍ତର ଖର୍ଚ୍ଚ ପଇଠ କରିବେ ।

(୧୧) ଯଦି ସଂପର୍କୀୟ ବା ସମର୍ଥ ବ୍ୟକ୍ତି ବିନିର୍ଦ୍ଦିଷ୍ଟ ତାରିଖରେ ସଂପୃକ୍ତ କିଶୋର ବା ବାଳୁତକୁ ନିଜ ହେପାଜତ୍‌କୁ ନେବା ଉଦ୍ଦେଶ୍ୟରେ ଗୃହରେ ପହଞ୍ଚିବାରେ ବିଫଳ ହୁଅନ୍ତି, ତେବେ ପରିବେକ୍ଷଣ ଗୃହର ଜଣେ ସହଚରଙ୍କ ଦ୍ୱାରା ଉକ୍ତ କିଶୋର ବା ବାଳୁତକୁ ତା'ର ସାଧାରଣ ବାସସ୍ଥାନକୁ ପଠାଇଦିଆଯିବ, ଏବଂ ଜଣେ ବାଳିକା କ୍ଷେତ୍ରରେ ଅନ୍ତତଃ ଜଣେ ସହଚର ମହିଳା ହୋଇଥିବେ ।

**୮୦. ରାଜ୍ୟ ବାଳୁତ ସୁରକ୍ଷା ଶାଖା-**

ରାଜ୍ୟ ବାଳୁତ ସୁରକ୍ଷା ଶାଖାର ସୁନିର୍ଦ୍ଦିଷ୍ଟ କାର୍ଯ୍ୟାବଳୀ ଭିତରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ ହେବ-

(ଏ) ଆଇନ୍‌ର କାର୍ଯ୍ୟାନ୍ୱୟନ ଏବଂ ଆଇନ୍ ଅଧୀନରେ କାର୍ଯ୍ୟରତ ଥିବା ସଂସ୍ଥା ଓ ଅନୁଷ୍ଠାନସମୂହର ତତ୍ତ୍ୱାବଧାନ ଏବଂ ତଦାରଖ ;

(ବି) ଜିଲ୍ଲା ବାଳୁତ ସୁରକ୍ଷା ଶାଖାମାନଙ୍କର ସ୍ଥାପନା, ସେମାନଙ୍କୁ ସହାୟତା ଓ ତଦାରଖ ;

(ସି) ପରିଷଦ ବା କମିଟିର ସଦସ୍ୟମାନଙ୍କୁ ନିଯୁକ୍ତି କରିବା ଉଦ୍ଦେଶ୍ୟରେ ଗଠିତ ଚୟନ କମିଟିର ସଦସ୍ୟ ରୂପେ ରାଜ୍ୟ ବାଳୁତ ସୁରକ୍ଷା ଶାଖାର ପ୍ରତିନିଧିତ୍ୱ କରାଇବା ;

(ଡି) ଆଇନ୍‌ର କାର୍ଯ୍ୟାନ୍ୱୟନକୁ ସୁଗମ କରିବା ପାଇଁ ଆବଶ୍ୟକୀୟ ସୁବିଧାମାନ ଯୋଗାଇଦେବା ବା ସୃଷ୍ଟି କରିବା ସକାଶେ ଜିଲ୍ଲା ବାଳୁତ ସୁରକ୍ଷା ଶାଖାମାନଙ୍କୁ ଆବଶ୍ୟକୀୟ ପାଣ୍ଠି ଉପଲବ୍‌ଧ କରାଇବା ;

(ଇ) ଅନ୍ୟ ବିଭାଗମାନଙ୍କ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ସମାଜ ମଙ୍ଗଳ, ସହରାଞ୍ଚଳ ମୌଳିକ ସେବାସମୂହ, ଅନଗ୍ରସର ଶ୍ରେଣୀ ଏବଂ ସଂଖ୍ୟାଲଘୁ ଗୋଷ୍ଠୀସମୂହ, ଯୁବ ସେବାସମୂହ, ପୋଲିସ୍, ବିଚାର ବିଭାଗ, ଶ୍ରମ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସଂଗଠନ ଭଳି ସମସ୍ତ ସରକାରୀ ବିଭାଗମାନଙ୍କ ଭିତରେ ସମନ୍ୱୟ ଓ ସଂଯୋଜନା ରକ୍ଷା କରି ଏକ ଆନ୍ତଃ-ବିଭାଗ ସଂଯୋଗ-ବ୍ୟବସ୍ଥା ଗଢିତୋଳିବା ;

(ଏଫ୍) ଆଇନ୍‌ର ଫଳପ୍ରଦ କାର୍ଯ୍ୟାନ୍ୱୟନ ସ୍ୱାର୍ଥରେ ବିଭିନ୍ନ ନାଗରିକ ସମାଜ ସଂଗଠନମାନଙ୍କ ସହ ସମନ୍ୱୟ ଓ ସଂଯୋଗ ପ୍ରତିଷ୍ଠା କରବା ;

(ଜି) ଆଇନ୍ ଅଧୀନରେ କାର୍ଯ୍ୟରତ ଥିବା ସମଗ୍ର କର୍ମୀବାହିନୀ (ସରକାରୀ ଓ ବେସରକାରୀ)ଙ୍କର ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ;

(ଏଚ୍) ଯତ୍ନ ନିର୍ବାହର ସର୍ବନିମ୍ନ ମାନଦଣ୍ଡସମୂହ ନିର୍ଦ୍ଧାରଣ କରିବା ଏବଂ ପ୍ରତି ଅନୁଷ୍ଠାନରେ ସେଗୁଡିକର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ;

(ଆଇ) କମିଟିଗୁଡିକର କାର୍ଯ୍ୟଶୈଳୀକୁ ସମୀକ୍ଷା କରିବା ;

(ଜେ) ଆଇନ୍‌ର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ମତେ ଅନ୍ୟ ସମସ୍ତ କାର୍ଯ୍ୟ ସଂପାଦନ କରିବା ।

**୮୧. ଜିଲ୍ଲା ବାଳୁତ ସୁରକ୍ଷା ଶାଖା-**

(୧) ଜିଲ୍ଲା ବାଳୁତ ସୁରକ୍ଷା ଶାଖା ଜିଲ୍ଲା ସ୍ତରରେ ସମସ୍ତ ବାଳୁତ ଅଧିକାର ଓ ସୁରକ୍ଷା କାର୍ଯ୍ୟାବଳୀକୁ ସଂଯୋଜନା ଏବଂ କାର୍ଯ୍ୟାନ୍ୱୟନ କରିବେ ।

(୨) ଜିଲ୍ଲା ବାଳୁତ ସୁରକ୍ଷା ଶାଖାର ସୁନିର୍ଦ୍ଦିଷ୍ଟ କାର୍ଯ୍ୟାବଳୀ ଭିତରେ ଅନ୍ତର୍ଭୁକ୍ତ ରହିବ :

(ଏ) ପରିଷଦ, କମିଟି, ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ଏବଂ ପ୍ରତି ଜିଲ୍ଲାରେ ଗୃହଗୁଡିକର ସ୍ଥାପନା ଭଳି ପଦକ୍ଷେପ ଜରିଆରେ ଜିଲ୍ଲା ଓ ସହର ସ୍ତରରେ ପର୍ଯ୍ୟାପ୍ତ ସଂରଚନା ବ୍ୟବସ୍ଥାକୁ ସ୍ଥାନିତ କରିବା ଦିଗରେ ସହାୟତା ପ୍ରଦାନ କରି ଆଇନ୍‌ର ଫଳପ୍ରଦ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ;

(ବି) ସଂକଟମୁଖୀ ପରିବାରମାନଙ୍କୁ ତଥା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କୁ ଚିହ୍ନଟ କରିବା;

(ସି) କଷ୍ଟକର ସ୍ଥିତି ମଧ୍ୟରେ ଗତି କରୁଥିବା ବାଳୁତମାନଙ୍କର ସଂଖ୍ୟା ଆକଳନ କରିବା, ଏବଂ ଏପ୍ରକାର ବାଳୁତମାନଙ୍କ ବିଷୟରେ ପରିଲକ୍ଷିତ ହେଉଥିବା ଗତିଧାରା ଏବଂ ଗାଠନିକ ଢାଞ୍ଚାକୁ ତଦାରଖ ପାଇଁ ଜିଲ୍ଲା-ଓ୍ୟାରି ତଥ୍ୟାବଳୀର ଭିତ୍ତିସୂଚୀ ପ୍ରସ୍ତୁତ କରିବା ;

(ଡି) ଜିଲ୍ଲା ସ୍ତରରେ ସମସ୍ତ ବାଳୁତ ସଂପର୍କୀତ ସେବାସମୂହକୁ ସମୟାନ୍ତରରେ ଅଥଚ ନିୟମିତ ଭାବେ ଆକଳନ କରିବା, ଯାହା ଫଳରେ ଏକ ସମ୍ବଳ ସୂଚନାଗ୍ରନ୍ଥ ପ୍ରସ୍ତୁତ ହୋଇପାରିବ ତଥା କମିଟି ଓ ପରିଷଦମାନଙ୍କୁ ସମୟାନ୍ତରରେ ସଂପୃକ୍ତ ସୂଚନା ଉପଲବ୍ଧ ହୋଇପାରିବ ;

(ଇ) ପୃଷ୍ଠପୋଷକତା, ପାଳକ ଯତ୍ନ, ପୋଷ୍ୟତା ଏବଂ ଯତ୍ନୋତ୍ତର କାର୍ଯ୍ୟକ୍ରମ ସମେତ ପରିବାର-ଭିତ୍ତିକ ଓ ଅଣ-ଆନୁଷ୍ଠାନିକ ସେବାସମୂହର କାର୍ଯ୍ୟକାରିତା ;

(ଏଫ୍) ବିଭିନ୍ନ କାର୍ଯ୍ୟକ୍ରମଗୁଡିକର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ତଥା ନିଜର କାର୍ଯ୍ୟାବଳୀର ସୁଚାରୁ ସଂପାଦନ ପାଇଁ ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମ ସ୍ତରୀୟ ବାଳୁତ ସୁରକ୍ଷା କମିଟିଗୁଡିକର ଗଠନକୁ ସୁନିଶ୍ଚିତ କରିବା ;

(ଜି) ପ୍ରତି ସ୍ତରରେ ବାଳୁତମାନଙ୍କର ହସ୍ତାନ୍ତରକୁ ସୁଗମ କରିବା, ଯାହା ଫଳରେ ହୁଏତ୍ ସେମାନଙ୍କୁ ସେମାନଙ୍କର ପରିବାରମାନଙ୍କୁ ପ୍ରତ୍ୟର୍ପଣ କରିହେବ ଅଥବା ଅନୁଷ୍ଠାନ ଭିତରେ ଯତ୍ନ, ପୋଷ୍ୟତା, ପାଳକ ଯତ୍ନ ଏବଂ ପୃଷ୍ଠପୋଷକତା ଭଳି ପଦକ୍ଷେପ ମାଧ୍ୟମରେ ଦୀର୍ଘ-ମିଆଦି ବା ସ୍ୱଳ୍ପ-ମିଆଦି ଥଇଥାନ ବ୍ୟବସ୍ଥା ଅଧୀନରେ ସଂପୃକ୍ତ ବାଳୁତକୁ ସ୍ଥାନିତ କରିହେବ ;

(ଏଚ୍) ଜିଲ୍ଲା ସ୍ତରରେ ପରିବାର-ଭିତ୍ତିକ ଅଣ-ଆନୁଷ୍ଠାନିକ ସେବାସମୂହର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପୋଷ୍ୟତା ସମ୍ବଳ ସଂସ୍ଥାକୁ ସହାୟତା ପ୍ରଦାନ କରିବା ;

(ଆଇ) ଅନ୍ୟ ବିଭାଗମାନଙ୍କ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ସମାଜ ମଙ୍ଗଳ, ସହରାଞ୍ଚଳ ମୌଳିକ ସେବାସମୂହ, ଅନଗ୍ରସର ଶ୍ରେଣୀ ଏବଂ ସଂଖ୍ୟାଲଘୁ ଗୋଷ୍ଠୀସମୂହ, ଯୁବ ସେବାସମୂହ, ପୋଲିସ୍, ବିଚାର ବିଭାଗ, ଶ୍ରମ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସଂଗଠନ ଭଳି ସମସ୍ତ ସରକାରୀ ବିଭାଗମାନଙ୍କ ଭିତରେ ସମନ୍ୱୟ ଓ ସଂଯୋଜନା ରକ୍ଷା କରି ଏକ ଆନ୍ତଃ-ବିଭାଗ ସଂଯୋଗ-ବ୍ୟବସ୍ଥା ଗଢିତୋଳିବା ;

(ଜେ) ଆଇନ୍‌ର ଫଳପ୍ରଦ କାର୍ଯ୍ୟାନ୍ୱୟନ ସ୍ୱାର୍ଥରେ ବିଭିନ୍ନ ନାଗରିକ ସମାଜ ସଂଗଠନମାନଙ୍କ ସହ ସମନ୍ୱୟ ଓ ସଂଯୋଗ ପ୍ରତିଷ୍ଠା କରବା ;

(କେ) ବାଳୁତ କଲ୍ୟାଣ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ଜିଲ୍ଲାରେ କାର୍ଯ୍ୟରତ ସଂସ୍ଥା ଓ ଅନୁଷ୍ଠାନମାନଙ୍କର ଫଳପ୍ରଦ ତଦାରଖ ଓ ତତ୍ତ୍ୱାବଧାନ ପାଇଁ ପରିମାପକ ଏବଂ ସାଧନସମୂହକୁ ପ୍ରସ୍ତୁତ କରିବା ;

(ଏଲ୍) ଗୋଟିଏ ଜିଲ୍ଲା ଭିତରେ ବାଳୁତମାନଙ୍କୁ ଆଶ୍ରୟ ସୁବିଧା ଯୋଗାଉଥିବା ସମସ୍ତ ଅନୁଷ୍ଠାନ ବା ସଂସ୍ଥାମାନଙ୍କୁ ତତ୍ତ୍ୱାବଧାନ ଓ ତଦାରଖ କରିବା ;

(ଏମ୍) ବାଳୁତମାନଙ୍କୁ ଫଳପ୍ରଦ ସେବାସମୂହ ଯୋଗାଇଦେବା ଉଦ୍ଦେଶ୍ୟରେ ଆଇନ୍ ଅଧୀନରେ କାର୍ଯ୍ୟରତ ଥିବା ସମଗ୍ର କର୍ମୀବାହିନୀ (ସରକାରୀ ଓ ବେସରକାରୀ) ଙ୍କର ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ;

(ଏନ୍) ଆଇନ୍‌ର ଅଗ୍ରଗତି ଏବଂ କାର୍ଯ୍ୟାନ୍ୱୟନର ସମୀକ୍ଷା କରିବା ଉଦ୍ଦେଶ୍ୟରେ ଚାଇଲଡ୍-ଲାଇନ୍, ପାରଦର୍ଶୀ ପୋଷ୍ୟତା ସଂସ୍ଥାସମୂହ, ଗୃହଗୁଡିକର ଭାରପ୍ରାପ୍ତ ଅଧିକାରୀଗଣ, ବେସରକାରୀ ସଂଗଠନସମୂହ ତଥା ସର୍ବସାଧାରଣ ନାଗରିକଙ୍କ ସମେତ ସମସ୍ତ ଗରଜବାହୀ ସଂସ୍ଥାମାନଙ୍କର ତ୍ରୈମାସିକ ବୈଠକ ଆୟୋଜନ କରିବା ; ଏବଂ

(ଓ) ରାଜ୍ୟ ସ୍ତରରେ ରାଜ୍ୟ ବାଳୁତ ସୁରକ୍ଷା ଶାଖା ଏବଂ ରାଜ୍ୟ ପୋଷ୍ୟତା ସମ୍ବଳ ସଂସ୍ଥା ଏବଂ ଅନ୍ୟ ଜିଲ୍ଲାମାନଙ୍କରେ ଥିବା ବାଳୁତ ସୁରକ୍ଷା ଶାଖାଗୁଡିକ ସହ ସଂଯୋଗ ରକ୍ଷା କରିବା ।

**୮୨. ବାଳୁତ କଲ୍ୟାଣ କମିଟିଗୁଡିକର ସ୍ଥାପନା-**

(୧) ଆଇନ୍‌ର ଧାରା ୨୯ ଅଧୀନରେ ରାଜ୍ୟ ସରକାର ସରକାରୀ ବିଜ୍ଞପ୍ତି ବଳରେ ପ୍ରତି ଜିଲ୍ଲାରେ ବାଳୁତ ସୁରକ୍ଷା କମିଟିମାନ ଗଠନ କରିବେ ଏବଂ ସେଗୁଡିକର ସୁଚାରୁ ପରିଚାଳନା ପାଇଁ ନିମ୍ନସୂଚୀତ ତାଲିକା ମତେ ଆବଶ୍ୟକୀୟ ସଂରଚନା, କର୍ମଚାରୀଗଣ ଏବଂ ପାଣ୍ଠି ଯୋଗାଣର ବ୍ୟବସ୍ଥା କରିବେ-

(ଏ) ସଂରଚନା ଭିତରେ ଅନ୍ତର୍ଭୁକ୍ତ ରହିବ ଏକ ବୈଠକ ପ୍ରକୋଷ୍ଠ, କମିଟି ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଅଫିସ୍ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ବାଳୁତ ମାନଙ୍କ ପାଇଁ ଅପେକ୍ଷା ଗୃହ, ପିତାମାତା ଓ ଅଭିଭାବକମାନଙ୍କ ପାଇଁ ଅପେକ୍ଷା ଗୃହ, ବାଳୁତ ବା ପିତାମାତାଙ୍କ ସହ କମିଟିର ବ୍ୟକ୍ତିଗତ କଥାବାର୍ତ୍ତା ପାଇଁ ଏକ ପ୍ରକୋଷ୍ଠ, ଏକ ରେକର୍ଡ ପ୍ରକୋଷ୍ଠ, ନିରାପଦ ପାନୀୟ ଜଳ ସୁବିଧା ଏବଂ ଶୌଚାଳୟ ;

(ବି) ପ୍ରତି କମିଟି ପାଇଁ ରାଜ୍ୟ ସରକାର କଲ୍ୟାଣ ଅଧିକାରୀ,ଷ୍ଟେନୋ-ଟାଇପିଷ୍ଟ ବା କମ୍ପ୍ୟୁଟର୍ ଚାଳକ, ପିଅନ୍ ଓ ସଫେଇ କର୍ମଚାରୀଙ୍କ ସମେତ ଆବଶ୍ୟକୀୟ ମାନବ ସମ୍ବଳ ସହାୟତା ଯୋଗାଇ ଦେବେ ।

(୨) ଏହି ନିୟମାବଳୀର ନିୟମ ୨୩ ଅନୁଯାୟୀ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଭତ୍ତାସମୂହ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ଦ୍ୱାରା ପଇଠ କରାଯିବ ।

**୮୩. କିଶୋର ନ୍ୟାୟ ପରିଷଦର ସ୍ଥାପନା-**

ଆଇନ୍‌ର ଧାରା ୨୯ ଅଧୀନରେ ରାଜ୍ୟ ସରକାର ସରକାରୀ ବିଜ୍ଞପ୍ତି ବଳରେ ପ୍ରତି ଜିଲ୍ଲାରେ କିଶୋର ନ୍ୟାୟ ପରିଷଦମାନ ଗଠନ କରିବେ ଏବଂ ପ୍ରମୁଖ ମାଜିଷ୍ଟ୍ରେଟ୍ ଏବଂ ସଦସ୍ୟବୃନ୍ଦ ତଥା ପାଣ୍ଠି ଯୋଗାଣ ସହିତ ନିମ୍ନସୂଚୀତ ତାଲିକା ମତେ ଆବଶ୍ୟକୀୟ ସଂରଚନା ଓ କର୍ମଚାରୀବୃନ୍ଦର ବ୍ୟବସ୍ଥା କରିବେ-

(୧) ସଂରଚନା ଭିତରେ ଅନ୍ତର୍ଭୁକ୍ତ ରହିବ ଏକ ପରିଷଦ ପ୍ରକୋଷ୍ଠ, ବାଳୁତମାନଙ୍କ ପାଇଁ ଅପେକ୍ଷା ଗୃହ, ପ୍ରମୁଖ ମାଜିଷ୍ଟ୍ରେଟ୍ ଏବଂ ସଦସ୍ୟବୃନ୍ଦଙ୍କ ପାଇଁ ଏକ ପ୍ରକୋଷ୍ଠ, ଏକ ରେକର୍ଡ ପ୍ରକୋଷ୍ଠ, ପରିବୀକ୍ଷା ଅଧିକାରୀମାନଙ୍କ ପାଇଁ ପ୍ରକୋଷ୍ଠ, ପିତାମାତା ଓ ଅଭିଭାବକମାନଙ୍କ ପାଇଁ ଅପେକ୍ଷା ଗୃହ, ନିରାପଦ ପାନୀୟ ଜଳ ସୁବିଧା ଏବଂ ଶୌଚାଳୟ ;

(୨) ପ୍ରତି ପରିଷଦ ପାଇଁ ରାଜ୍ୟ ସରକାର ପରିବୀକ୍ଷା ଅଧିକାରୀ, ଷ୍ଟେନୋ-ଟାଇପିଷ୍ଟ ବା କମ୍ପ୍ୟୁଟର୍ ଚାଳକ, ପିଅନ୍ ଓ ସଫେଇ କର୍ମଚାରୀଙ୍କ ସମେତ ଆବଶ୍ୟକୀୟ ମାନବ ସମ୍ବଳ ସହାୟତା ଯୋଗାଇ ଦେବେ ।

**୮୪. ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା-**

(୧) ଏହି ନିୟମାବଳୀ ବିଜ୍ଞପ୍ତି କରାଯିବାର ଚାରିମାସ ଭିତରେ ରାଜ୍ୟ ସରକାର ଜିଲ୍ଲା ସ୍ତରରେ ଏକ ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ସ୍ଥାପନା କରିବେ ଏବଂ ଏହି ଶାଖା ଯେଉଁମାନଙ୍କୁ ନେଇ ଗଠିତ ହେବ ସେମାନେ ହେଲେ ପୋଲିସ୍ ଇନ୍‌ସ୍ପେକ୍ଟର୍ ପାହ୍ୟାର ଜଣେ କିଶୋର ବା ବାଳୁତ କଲ୍ୟାଣ

ଅଧିକାରୀ ଏବଂ ଜଣେ ମହିଳା ସଦସ୍ୟାଙ୍କୁ ମିଶାଇ ଏଭଳି ଦୁଇଜଣ ବେତନ-ପ୍ରାପ୍ତ ସମାଜ କର୍ମୀ, ଯେଉଁମାନଙ୍କର ବାଳୁତ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରିବାର ଅଭିଜ୍ଞତା ଥିବ ।

(୨) ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ଯେପରି ନିଜର ଦାୟିତ୍ୱାବଳୀ ସମ୍ପାଦନ କରିପାରିବେ, ସେଥିପାଇଁ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାର ନିଜର ଦୁଇଜଣ ସମାଜ କର୍ମୀଙ୍କ ସେବା ଯୋଗାଇଦେବେ ।

(୩) ଥାନାରେ ଥିବା କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ ଏପରି ଜଣେ ବ୍ୟକ୍ତି ହୋଇଥିବେ ଯାହାଙ୍କର ଏହି ଆଇନ୍ ଅନୁଯାୟୀ କିଶୋର ବା ବାଳୁତମାନଙ୍କର ମାମଲାଗୁଡିକୁ ଦେଖାଶୁଣା କରିବା କ୍ଷେତ୍ରରେ ଆଗ୍ରହ ସହିତ ଯଥୋଚିତ ପ୍ରଶିକ୍ଷଣ ଏବଂ ଅନୁକୂଳ ମନୋଭାବ ରହିଥିବ ।

(୪) କେବଳ ପଦୋନ୍ନତି ଭଳି ବ୍ୟତକ୍ରମକୁ ବାଦ୍ ଦେଲେ ପଦନାମିତ ହୋଇଥିବା କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ ମାନଙ୍କର ବଦଳି ଏବଂ ନିଯୁକ୍ତି ସାଧାରଣତଃ ଅନ୍ୟ ପୋଲିସ୍ ଥାନାସମୂହ ବା ଜିଲ୍ଲା ଶାଖା ଭିତରେ କାର୍ଯ୍ୟକାରୀ କରାଯିବ, ଏବଂ ବ୍ୟତିକ୍ରମ ଘଟିବା କ୍ଷେତ୍ରରେ ଅନ୍ୟ ଜଣେ ପୋଲିସ୍ ଅଫିସର୍‌ଙ୍କୁ ଉକ୍ତ ଶାଖାରେ ପଦନାମିତ ଏବଂ ପ୍ରତି-ନିଯୁକ୍ତ କରାଯିବ, ଯାହା ଫଳରେ ପଦବୀ ଖାଲି ପଡିବନାହିଁ ।

(୫) ବାଳୁତ ବା କିଶୋର ପ୍ରତି ସମସ୍ତ ପ୍ରକାର ନିଷ୍ଠୁରତା, ଦୁର୍ବ୍ୟବହାର ଏବଂ ଶୋଷଣ ବିରୁଦ୍ଧରେ ଆଇନ୍‌ଗତ ସୁରକ୍ଷା ଯୋଗାଇଦେବା ପାଇଁ ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ଜିଲ୍ଲା ସ୍ତରରେ ଏକ ସଦାଜାଗ୍ରତ ସଂସ୍ଥା ରୂପେ ସମନ୍ୱୟ ରକ୍ଷା କରିବେ ତଥା ନିଜର କାର୍ଯ୍ୟ ସମ୍ପାଦନ କରିବେ ।

(୬) ଉକ୍ତ ଶାଖା ବାଳୁତମାନଙ୍କ ବିରୁଦ୍ଧରେ ଅପରାଧ ଘଟାଉଥିବା ବୟସ୍କ ଆସାମୀମାନଙ୍କ ବିଷୟରେ ଗୁରୁତ୍ୱ ସହକାରେ ସନ୍ଧାନ କରିବେ ଏବଂ ସେମାନେ ଯେପରି ଆଇନ୍‌ରେ ଥିବା ପ୍ରାସଙ୍ଗିକ ବ୍ୟବସ୍ଥାସମୂହ ଅନୁଯାୟୀ ଅବିଳମ୍ବେ ଧରାପଡି ଗିରଫ ହୁଅନ୍ତି, ତାହାକୁ ସୁନିଶ୍ଚିତ କରିବେ ଏବଂ ଏହି ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ଶାଖାମାନେ ବିଭିନ୍ନ ପୋଲିସ୍ ଥାନାର ସଂପୃକ୍ତ ଶାଖାମାନଙ୍କ ସହ ସଂଯୋଗ ରକ୍ଷା କରିବେ ।

(୭) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କୁ ଚିହ୍ନଟ ତଥା ବାଳୁତମାନଙ୍କ ପ୍ରତି ହିଂସା, ହତାଦର ଏବଂ ଦୁର୍ବ୍ୟବହାର ମାମଲା ଗୁଡିକ ସମ୍ବନ୍ଧରେ ସୂଚନା ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖାମାନେ ସ୍ୱେଚ୍ଛାସେବୀ ସଂଗଠନସମୂହ, ପଞ୍ଚାୟତ ଏବଂ ଗାମସଭାସମୂହ ବା ବାସିନ୍ଦା କଲ୍ୟାଣ ସଂଗଠନମାନଙ୍କ ଠାରୁ ସହାୟତା ଲୋଡିବେ ।

(୮) ଗିରଫଦାରି ସମୟରେ, ଆବଶ୍ୟକୀୟ ରିପୋର୍ଟ ପ୍ରସ୍ତୁତି, କିଶୋରକୁ ହାଜର କରାଇବା ପର୍ଯ୍ୟନ୍ତ ତା'ର ହେପାଜତ୍ ଗ୍ରହଣ କରିବା ତଥା ଏହି ନିୟମାବଳୀର ନିୟମ ୧୧(୧୨) ଅନୁଯାୟୀ ପରିଷଦ ସାମନାରେ ହାଜର କରାଇବା ସମୟରେ ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ଏବଂ ପୋଲିସ୍ ଥାନାମାନଙ୍କୁ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ଯେଉଁସବୁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ରାଜ୍ୟ ସରକାର ସୁରକ୍ଷା ସଂସ୍ଥା ରୂପେ ସ୍ୱୀକୃତି ଦେଇଥିବେ, ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖାମାନେ ସେହିସବୁ ସଂସ୍ଥାଙ୍କ ଠାରୁ ବିଶେଷ କରି ସହାୟତା ଲୋଡିବେ ।

(୯) ଗୋଟି ଜିଲ୍ଲା ଭିତରେ ପୋଲିସ୍ ତତ୍ତ୍ୱାବଧାରକ ନିଜେ ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖାର ନେତୃତ୍ୱ ନେବେ ଏବଂ ସମୟାନ୍ତରରେ ଏହାର କାର୍ଯ୍ୟଶୈଳୀକୁ ଦେଖାଶୁଣା କରିବେ ।

(୧୦) ଏହି ଆଇନ୍ ଅଧୀନରେ ବାଳୁତ ବା କିଶୋରମାନଙ୍କ ଯତ୍ନ ନିର୍ବାହ ଏବଂ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ବିଷୟରେ ପୋଲିସ୍‌ର ଭୂମିକାକୁ ସଂଯୋଜନା ଓ ସମୁନ୍ନତ କରିବା ଉଦ୍ଦେଶ୍ୟରେ ପ୍ରତି ରାଜ୍ୟରେ

ପୋଲିସ୍ ସଂସ୍ଥା ଭିତରୁ ଏଭଳି ଜଣେ ସଂଯୋଜକ ଅଧିକାରୀଙ୍କୁ ପଦନାମିତ କରାଯିବ, ଯେ କି ଇନ୍‌ସ୍ପେକ୍ଟର୍ ଜେନେରାଲ୍ ଅଫ୍ ପୋଲିସ୍‌ଙ୍କ ଠାରୁ କମ୍ ପାହ୍ୟାର ହୋଇନଥିବେ ।

(୧୧) ଯେଉଁସ୍ଥଳେ ଯଥାବିଧି ଅନୁସନ୍ଧାନ କ୍ରମେ ଜଣେ ପୋଲିସ୍ ଅଫିସର୍ ଗୋଟିଏ ବାଳୁତକୁ ମାନସିକ ବା ଶାରିରୀକ ଭାବେ ନିର୍ଯ୍ୟାତନା ଦେଇଛନ୍ତି ବୋଲି ଜଣା ପଡିବ, ସେପରି ସ୍ଥଳେ ଉକ୍ତ ଅପରାଧ ପାଇଁ ତାଙ୍କୁ ଦଣ୍ଡବିଧାନ କରାଯିବା ସହିତ ସେ ଚାକିରୀରୁ ବହିଷ୍କୃତ ହେବା ପାଇଁ ଦାୟବଦ୍ଧ ରହିବେ ।

## ୮୫. ଅବୈତନିକ ବା ସ୍ୱେଚ୍ଛାସେବୀ କଲ୍ୟାଣ ଅଧିକାରୀ ବା ପରିବୀକ୍ଷା ଅଧିକାରୀ-

ଉପସ୍ଥିତ ପରିବୀକ୍ଷା ସେବାର ସଂପ୍ରସାରଣ ଘଟାଇବା ଉଦ୍ଦେଶ୍ୟରେ ସେହିସବୁ ସ୍ୱେଚ୍ଛାସେବୀ ସଂଗଠନ ଓ ସମାଜ କର୍ମୀଙ୍କ ଭିତରୁ ଅବୈତନିକ ବା ସ୍ୱେଚ୍ଛାସେବୀ କଲ୍ୟାଣ ଅଧିକାରୀ ଏବଂ ପରିବୀକ୍ଷା ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇପାରେ, ଯେଉଁମାନଙ୍କୁ ଏହି ଉଦ୍ଦେଶ୍ୟରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସମର୍ଥ ମନେ କରନ୍ତି ଏବଂ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶ ବଳରେ ସେମାନଙ୍କ ପ୍ରଦତ୍ତ ସେବାକୁ କାର୍ଯ୍ୟାନ୍ୱୟନ ପ୍ରଶାସନ ଭିତରେ ସାମିଲ୍ କରିନିଆଯାଇ ପାରେ ।

## ୮୬. ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱାବଳୀ-

(୧) ଭାରପ୍ରାପ୍ତ ଅଧିକାରୀଙ୍କ ପ୍ରାଥମିକ ଦାୟିତ୍ୱ ହେବ ଅନୁଷ୍ଠାନର ରକ୍ଷଣାବେକ୍ଷଣ କରିବା ଏବଂ ସେ ଅନୁଷ୍ଠାନର ହତା ଭିତରେ ବାସ କରିବେ, ଯାହା ଫଳରେ କିଶୋର ବା ବାଳୁତ ଏବଂ କର୍ମଚାରୀମାନେ ତାଙ୍କୁ ଲୋଡିବା ମାତ୍ରେ ସେ ତତ୍‌କ୍ଷଣାତ୍ ଉପଲବ୍ଧ ହୋଇପାରୁଥିବେ ଏବଂ ଯେଉଁସ୍ଥଳେ ଅନୁଷ୍ଠାନର ହତା ଭିତରେ ତାଙ୍କ ପାଇଁ ବାସଗୃହ ମିଳି ପାରୁନଥିବ, ସେପରି ସ୍ଥଳେ ଅନୁଷ୍ଠାନର ହତା ଭିତରେ ତାଙ୍କ ପାଇଁ ବାସଗୃହ ମିଳିବା ପର୍ଯ୍ୟନ୍ତ ଭାରପ୍ରାପ୍ତ ଅଧିକାରୀ ଏଭଳି ଏକ ସ୍ଥାନରେ ବାସ କରିବେ ଯାହାକି ଅନୁଷ୍ଠାନର ଖୁବ୍ ନିକଟରେ ଅବସ୍ଥିତ ହୋଇଥିବ ।

(୨) ଭାରପ୍ରାପ୍ତ ଅଧିକାରୀଙ୍କ ସାଧାରଣ ଦାୟିତ୍ୱାବଳୀ ଓ କାର୍ଯ୍ୟାବଳୀ ଭିତରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ ହେବ -

(ଏ) ଆଇନ୍ ଓ ଏହା ଅଧୀନରେ ଘୋଷିତ ନିୟମାବଳୀ ଓ ଆଦେଶରେ ଥିବା ବ୍ୟବସ୍ଥାଗୁଡିକର ଅନୁପାଳନ କରିବା;

(ବି) ପରିଷଦ ବା କମିଟିର ଆଦେଶଗୁଡିକର ଅନୁପାଳନ କରିବା ;

(ସି) କିଶୋର ବା ବାଳୁତମାନଙ୍କୁ ଏକ ପରିବାର-ସୁଲଭ ବାତାବରଣରେ ସ୍ନେହ, ଶ୍ରଦ୍ଧା, ଯତ୍ନ, ବିକାଶ ଏବଂ ଉନ୍ନତିର ସୁଯୋଗ ପ୍ରଦାନ କରିବା;

(ଡି) ଅନୁଷ୍ଠାନ ଭିତରେ ଯତ୍ନ ନିର୍ବାହର ସର୍ବନିମ୍ନ ମାନଦଣ୍ଡକୁ ବଜାୟ ରଖିବା ;

(ଇ) ଘରଗୁଡିକ ଏବଂ ହତାର ଯଥୋଚିତ ରକ୍ଷଣାବେକ୍ଷଣ କରିବା ;

(ଏଫ୍) ନିରାପତ୍ତା ବ୍ୟବସ୍ଥା ସହିତ ଅନୁଷ୍ଠାନକୁ ଦୈନିକ ପରିଦର୍ଶନ କରିବା ଏବଂ ବାରମ୍ବାର ବୁଲି ଦେଖିବା, ଖାଦ୍ୟ ସାମଗ୍ରୀକୁ ଯଥାବିଧି ସାଇତି ରଖିବା ବ୍ୟବସ୍ଥା ଓ ଖାଦ୍ୟସାମଗ୍ରୀ ତଥା ପରିବେଷିତ ଖାଦ୍ୟସାମଗ୍ରୀର ଯାଞ୍ଚ କରିବା ସମେତ ସମୟାନ୍ତର ନିରୀକ୍ଷଣ ;

(ଜି) କିଶୋର ବା ବାଳୁତମାନଙ୍କର ଶୃଙ୍ଖଳା ଓ କଲ୍ୟାଣ ବିଷୟରେ ଧ୍ୟାନ ଦେବା ଏବଂ ତଦାରଖ କରିବା;

(ଏଚ୍) ତାଲିମ୍ ଓ ଯଥାସ୍ଥିତି ଚିକିତ୍ସା କାର୍ଯ୍ୟକ୍ରମ ବା ସଂଶୋଧନାତ୍ମକ କାର୍ଯ୍ୟକ୍ରମସମୂହ ସମେତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକଳାପ, କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ଯୋଜନା ପ୍ରସ୍ତୁତ କରିବା ଏବଂ ସମନ୍ୱୟ ରଖିବା;

(ଆଇ) କୌଣସି ଜରୁରୀ ସ୍ଥିତିକୁ ମୁକାବିଲା ପାଇଁ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ;

(ଜେ) ଅନୁଷ୍ଠାନର ହତା ମଧ୍ୟରେ ଦୁର୍ଘଟଣା ଏବଂ ଅଗ୍ନିକାଣ୍ଡ ଏଡାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥାଗୁଡିକୁ ସୁନିଶ୍ଚିତ କରିବା ;

(କେ) ଜଳ ସଂଚୟ, ବିଜୁଳି ବ୍ୟବସ୍ଥା ଏବଂ ଜରୁରୀ ସ୍ଥିତିରେ ଆଲୋକ ବ୍ୟବସ୍ଥା ପାଇଁ ବିକଳ୍ପ ବ୍ୟବସ୍ଥାମାନ ରଖିବା;

(ଏଲ୍) କର୍ମଶାଳା ଏବଂ ଯନ୍ତ୍ରପାତିଗୁଡିକୁ ଉପଯୁକ୍ତ ରୀତିରେ ବ୍ୟବହାର କରିବା;

(ଏମ୍) ସ୍ପର୍ଶ-ଜନିତ ବା ସଂକ୍ରାମକ ରୋଗରେ ପୀଡିତ ହୋଇଥିବା ଜଣେ କିଶୋର ବା ବାଳୁତକୁ ପୃଥକ ରଖିବା;

(ଏନ୍) ଦୈନିକ କାର୍ଯ୍ୟନିର୍ଘଣ୍ଟର ଅନୁପାଳନ ଓ ଅନୁଧାବନ ;

(ଓ) କେଶ୍ ଫାଇଲ୍ ଭିତରେ ଜଣେ କିଶୋର ବା ବାଳୁତର ମାସିକ ବିବରଣୀକୁ ସ୍ଥାନିତ କରିବା ;

(ପି) ଅନୁଷ୍ଠାନ ଭିତରେ ସ୍ଥାନୀୟ ଏବଂ ଜାତୀୟ ପର୍ବଦିବସଗୁଡିକର ଆୟୋଜନ କରିବା ;

(କ୍ୟୁ) କିଶୋର ବା ବାଳୁତମାନଙ୍କ ପାଇଁ ଭ୍ରମଣ, ପରିଦର୍ଶନ ବା ବଣଭୋଜିର ଆୟୋଜନ କରିବା;

(ଆର୍) ବଜେଟ୍ ପ୍ରସ୍ତୁତି ଏବଂ ଆର୍ଥିକ ବିଷୟଗୁଡିକ ଉପରେ ନିୟନ୍ତ୍ରଣ ;

(ଏସ୍) କର୍ମଚାରୀମାନଙ୍କ ଭିତରେ ଦାୟିତ୍ୱ ଆବଣ୍ଟନ ;

(ଟି) କର୍ମଚାରୀମାନଙ୍କର ଭଲମନ୍ଦ ଏବଂ ଶୃଙ୍ଖଳା ଦେଖାଶୁଣା କରିବା ସମେତ ଅଫିସ୍ ପ୍ରଶାସନ ଉପରେ ତଦାରଖ ;

(ୟୁ) ସମସ୍ତ ଶୃଙ୍ଖଳାଗତ ବ୍ୟାପାରରେ ତ୍ୱରିତ, ଦୃଢ଼ ଅଥଚ ବିଚାରଶୀଳ ପଦକ୍ଷେପ ଗ୍ରହଣ କରିବା ;

(ଭି) ଏହି ନିୟମାବଳୀର ନିୟମ ୫୫ ଅଧୀନରେ ଗଠିତ ପରିଚାଳନା କମିଟିର ବୈଠକଗୁଡିକୁ ଆୟୋଜନ କରିବା ତଥା ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ;

(ଡବ୍ଲ୍ୟୁ) ଆଇନ୍ ଓ ଏହି ନିୟମାବଳୀ ଅଧୀନରେ ଆବଶ୍ୟକ ପଡୁଥିବା ସମସ୍ତ ରେକର୍ଡ ଓ ରେଜିଷ୍ଟର୍‌କୁ ଅନୁରକ୍ଷଣ କରିବା ଏବଂ ଏହି ନିୟମାବଳୀର ନିୟମ ୫୫ ଅଧୀନରେ ଗଠିତ ପରିଚାଳନା କମିଟି ଦ୍ୱାରା ସେଗୁଡିକୁ ମାସକୁ ମାସ ଯାଞ୍ଚ କରାଇବା ;

(ଏକ୍ସ) ଯେବେ ଓ ଯେଉଁ କ୍ଷେତ୍ରରେ ଆବଶ୍ୟକ, ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ସଂଯୋଗ, ସମନ୍ୱୟ ଓ ସହଯୋଗ ରକ୍ଷା କରିବା; ଏବଂ

(ୱାଇ) ପ୍ରତି କିଶୋର ପାଇଁ ଓକିଲ ବ୍ୟବସ୍ଥା ତଥା ମାଗଣା ଆଇନ୍ ସହାୟତା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ବାଳୁତ ସୁରକ୍ଷା ଶାଖାର ବିଧି ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିବା, ଏବଂ ଯେଉଁସ୍ଥଳେ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ସ୍ଥାପିତ ହୋଇପାରିନାହିଁ, ସେପରି ସ୍ଥଳେ ଜିଲ୍ଲା ବା ରାଜ୍ୟ ଆଇନ୍ ସେବା କର୍ତ୍ତୃପକ୍ଷଙ୍କ ସେବା ଉପଲବ୍ଧ ହେବ ।

**୮୭. ଜଣେ ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀଙ୍କ ଦାୟିତ୍ୱାବଳୀ-**

(୧) ପ୍ରତ୍ୟେକ ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀ ପରିଷଦ ବା କମିଟି ବା ସଂପୃକ୍ତ କର୍ତ୍ତୃପକ୍ଷଙ୍କର ସମସ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବେ ତଥା ନିମ୍ନୋକ୍ତ କର୍ତ୍ତବ୍ୟସମୂହ, କାର୍ଯ୍ୟାବଳୀ ଓ ଦାୟିତ୍ୱାବଳୀକୁ ସମ୍ପାଦନ କରିବେ -

(ଏ) ବ୍ୟକ୍ତିଗତ ସାକ୍ଷାତ ତଥା ପରିବାର, ସାମାଜିକ ସଂସ୍ଥାସମୂହ ଏବଂ ଅନ୍ୟାନ୍ୟ ସୂତ୍ରରୁ ସୂଚନା ସଂଗ୍ରହ କରି ସଂପୃକ୍ତ କିଶୋର (**ଫର୍ମ-୪**) ବା ବାଳୁତ (**ଫର୍ମ-୧୩**) ସମ୍ବନ୍ଧରେ ସାମାଜିକ ଅନୁସନ୍ଧାନ କରିବା ;

(ବି) ଯେବେ ଯେବେ ଆବଶ୍ୟକ, ପରିଷଦ ବା କମିଟିର କାର୍ଯ୍ୟବିଧିରେ ଯୋଗଦାନ କରିବା ଏବଂ ରିପୋର୍ଟ ଦାଖଲ କରିବା ;

(ସି) ସଂପୃକ୍ତ କିଶୋର ବା ବାଳୁତର ସମସ୍ୟାବଳୀ ଉପରେ ସ୍ପଷ୍ଟୀକରଣ ଦେବା ତଥା ଅନୁଷ୍ଠାନ ଭିତ୍ତିକ ଜୀବନରେ ଅନୁଭୂତ ଜଟିଳତାଗୁଡିକର ବୁଝାଶୁଝା କରିବା ;

(ଡି) ଅଭ୍ୟାସୀକରଣ, ତଦାରଖ, ଶିକ୍ଷାଦାନ, ବୈଷୟିକ ଓ ଥଇଥାନ କାର୍ଯ୍ୟକ୍ରମ ଗୁଡିକରେ ଅଂଶଗ୍ରହଣ କରିବା ;

(ଇ) ସଂପୃକ୍ତ କିଶୋର ବା ବାଳୁତ ଏବଂ ଭାରପ୍ରାପ୍ତ ଅଧିକାରୀ ଭିତରେ ସହଯୋଗ ଓ ବୁଝାମଣା ପ୍ରତିଷ୍ଠା କରାଇବା ;

(ଏଫ୍) ନିଜର ପରିବାର ସହିତ ଯୋଗାଯୋଗ ବୃଦ୍ଧି କରିବାରେ ସଂପୃକ୍ତ କିଶୋର ବା ବାଳୁତକୁ ସାହାଯ୍ୟ କରିବା ତଥା ତା'ର ପରିବାରର ସଦସ୍ୟମାନଙ୍କୁ ସାହାଯ୍ୟ କରିବା ;

(ଜି) ସଂପୃକ୍ତ କିଶୋର ବା ବାଳୁତ ସହିତ ପରାମର୍ଶ କ୍ରମେ ପ୍ରତି ବାଳୁତ ପାଇଁ ଏକ ଯତ୍ନ ନିର୍ବାହ ଯୋଜନା ପ୍ରସ୍ତୁତ କରିବା ଏବଂ ଏହାର କାର୍ଯ୍ୟକାରିତାକୁ ଅନୁଧାବନ କରିବା;

(ଏଚ୍) ସଂପୃକ୍ତ କିଶୋର ବା ବାଳୁତ ପାଇଁ ଉଦ୍ଦିଷ୍ଟ ପ୍ରାକ୍-ଖଲାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ତଥା ତା ସହିତ ଏଭଳି ସବୁ ଯୋଗାଯୋଗ ପ୍ରତିଷ୍ଠାରେ ତାକୁ ସହାୟତା ପ୍ରଦାନ କରିବା, ଯାହା ଫଳରେ ସେ ଖଲାସ ହେବା ପରେ ସେଥିରୁ ତାକୁ ଭାବାବେଗଗତ ଏବଂ ସାମାଜିକ ସହାୟତା ମିଳିପାରିବ ;

(ଆଇ) ସଂପୃକ୍ତ କିଶୋରମାନଙ୍କର ଥଇଥାନ ଏବଂ ସାମାଜିକ ପୁନଃ-ସଂଗଠୀକରଣକୁ ସୁଗମ କରିବା ତଥା ତହିଁର ଆବଶ୍ୟକ ଅନୁଧାବନକୁ ସୁନିଶ୍ଚିତ କରିବା ପାଇଁ ସ୍ୱେଚ୍ଛାସେବୀ କର୍ମୀ ଏବଂ ସଂଗଠନମାନଙ୍କ ସହ ସଂଯୋଗ ପ୍ରତିଷ୍ଠା କରିବା ;

(ଜେ) ସଂପୃକ୍ତ କିଶୋରମାନେ ଖଲାସ ହେବା ପରେ ସେମାନଙ୍କ ବିଷୟରେ ଖୋଜଖବର ସଂଗ୍ରହ କରିଚାଲିବା ଏବଂ ସେମାନଙ୍କୁ ସହାୟତା ଓ ମାର୍ଗଦର୍ଶନ କରିବା ;

(କେ) ନିଜ ତତ୍ତ୍ୱାବଧାନରେ ଥିବା କିଶୋର ବା ବାଳୁତମାନଙ୍କର ବାସଗୃହ ତଥା ସେମାନଙ୍କର କର୍ମସ୍ଥଳ ତଥା ଶିକ୍ଷାନୁଷ୍ଠାନକୁ ମଧ୍ୟ ନିୟମିତ ପରିଦର୍ଶନ କରିବା ଏବଂ **ଫର୍ମ-୨୧**ରେ ବିହିତ ହୋଇଥିବା ମତେ ପାକ୍ଷିକ ବିବରଣୀମାନ ଦାଖଲ କରିବା ;

(ଏଲ୍) ଯେଉଁ ଯେଉଁ ସ୍ଥଳେ ସମ୍ଭବ, ପରିଷଦର କାର୍ଯ୍ୟାଳୟରୁ ଯଥାସ୍ଥିତି ପରିବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ, ବାଳୁତ ଗୃହ ବା ସମର୍ଥ ବ୍ୟକ୍ତିଙ୍କ ସ୍ଥାନ ପର୍ଯ୍ୟନ୍ତ, ସର୍ବତ୍ର କିଶୋର ବା ବାଳୁତମାନଙ୍କ ସହିତ ସାଙ୍ଗରେ ଯିବା ; ଏବଂ

(ଏମ୍) ସେହିସବୁ କେଶ୍ ଫାଇଲ୍ ଏବଂ ରେଜିଷ୍ଟର୍ ସମୂହର ରକ୍ଷଣାବେକ୍ଷଣ କରିବା, ଯାହାକି ସମୟାନ୍ତରରେ ବିହିତ ହୋଇପାରେ ।

(୨) ଆଇନ୍‌ର ଧାରା ୧୩(ବି) ମତେ ପୋଲିସ୍ ବା ପୋଲିସ୍ ସଂସ୍ଥାରେ ଥିବା କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କ ଠାରୁ ସୂଚନା ପାଇବା ପରେ ପରିବୀକ୍ଷା ଅଧିକାରୀ ଉକ୍ତ କିଶୋର ବା ବାଳୁତର ଇତିବୃତ୍ତି ଏବଂ ପରିବାରର ଇତିହାସ ଏବଂ ସେହିସବୁ ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟାବଳୀ ସମ୍ବନ୍ଧରେ ଅନୁସନ୍ଧାନ ଚଳାଇବେ, ଯାହାକି ଆବଶ୍ୟକ ପଡିପାରେ, ତଥା ପରିଷଦକୁ ଏ ବିଷୟରେ ଯଥାଶୀଘ୍ର ସମ୍ଭବ ଏକ ସାମାଜିକ ଅନୁସନ୍ଧାନ ବିବରଣୀ **ଫର୍ମ ୪ ବା ଫର୍ମ ୧୩** ରେ ଦାଖଲ କରିବେ ।

### ୮୮. ଗୃହ ପିତା ବା ଗୃହ ମାତାଙ୍କ ଦାୟିତ୍ୱାବଳୀ-

(୧) ଜଣେ ଗୃହ ପିତା ବା ଗୃହ ମାତା ବା ଅନ୍ୟ ଯତ୍ନ-ନିର୍ବାହୀଙ୍କର ଦାୟିତ୍ୱାବଳୀ ନିମ୍ନମତେ ହେବ-

(ଏ) ଜଣେ କିଶୋର ବା ବାଳୁତକୁ ସ୍ନେହ ଓ ଶ୍ରଦ୍ଧାର ସହ ପାଳନ କରିବା ;

(ବି) ଜଣେ କିଶୋର ବା ବାଳୁତର ଉପଯୁକ୍ତ ଯତ୍ନ ଓ କଲ୍ୟାଣ ସାଧନ କରିବା ;

(ସି) କିଶୋର ବା ବାଳୁତମାନଙ୍କ ଭିତରେ ଶୃଙ୍ଖଳା ରକ୍ଷା କରିବା ;

(ଡି) ରକ୍ଷଣାବେକ୍ଷଣ, ପରିମଳ ଓ ପରଚ୍ଛନ୍ନତା ;

(ଇ) ଦୈନିକ କାର୍ଯ୍ୟନିର୍ଘଣ୍ଟକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରାଇବା ଏବଂ ସେଥିରେ ବାଳୁତମାନଙ୍କର ସଂପୃକ୍ତିକୁ ସୁନିଶ୍ଚିତ କରିବା ;

(ଏଫ୍) ଗୃହର ସୁରକ୍ଷା ଏବଂ ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ; ଏବଂ

(ଜି) କିଶୋର ବା ବାଳୁତମାନେ ଗୃହରୁ ଯେତେବେଳେ ବାହାରକୁ ଯିବେ, ସେମାନଙ୍କର ସହଗମନ କରିବା ।

### ୮୯. ଭାରପ୍ରାପ୍ତ ଅଧିକାରୀ, ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀ, ଗୃହ ପିତା ବା ଗୃହ ମାତା ଏବଂ ଅନ୍ୟ ଯତ୍ନ-ନିର୍ବାହକ ଓ କର୍ମଚାରୀମାନଙ୍କ କ୍ଷେତ୍ରରେ ଅଯୋଗ୍ୟପଣିଆ-

(୧) ଭାରପ୍ରାପ୍ତ ଅଧିକାରୀ, ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀ, ଗୃହ ପିତା ବା ଗୃହ ମାତା ଏବଂ ଅନ୍ୟ ଯତ୍ନ-ନିର୍ବାହକ ଓ କର୍ମଚାରୀମାନେ ସେମାନଙ୍କ ତତ୍ତ୍ୱାବଧାନ ବା ଯତ୍ନ ଓ ସୁରକ୍ଷା ଅଧୀନରେ ଥିବା କୌଣସି କିଶୋର ବା ବାଳୁତକୁ ନିଜର କୌଣସି କାର୍ଯ୍ୟ ପାଇଁ ନିୟୋଜନ କରିବେ ନାହିଁ ବା ସେମାନଙ୍କ ଠାରୁ କୌଣସି ବ୍ୟକ୍ତିଗତ ସେବା ନେବେ ନାହିଁ ।

(୨) ଯଦି ଅନୁଷ୍ଠାନ ଭିତରେ ବା ବାହାରେ ଗୋଟିଏ କିଶୋର ବା ବାଳୁତ ପ୍ରତି ଜଣେ ଯତ୍ନ ନିର୍ବାହକ ଶାରିରୀକ, ଯୌନଗତ ବା ଆବେଗିକ ଦୁର୍ବ୍ୟବହାର କରିଥିବାର ରିପୋର୍ଟ ମିଳେ ତେବେ ଯଥାବିଧି ଅନୁସନ୍ଧାନ କରଗଲା ପରେ ସେ ଅଯୋଗ୍ୟ ବୋଲି ଘୋଷିତ ହେବା ପାଇଁ ଦାୟବଦ୍ଧ ରହିବେ ।

### ୯୦. କର୍ମୀମାନଙ୍କୁ ପ୍ରଶିକ୍ଷଣ-

(୧) ପ୍ରତି କିସମର କର୍ମଚାରୀମାନଙ୍କୁ ସେମାନଙ୍କର ବିଧି-ନିର୍ଦ୍ଦେଶିତ ଦାୟିତ୍ୱାବଳୀ ଏବଂ ସେମାନଙ୍କ ପାଇଁ ସୁନିର୍ଦ୍ଦିଷ୍ଟ କାର୍ଯ୍ୟର ଆବଶ୍ୟକତା ଅନୁଯାୟୀ ରାଜ୍ୟ ସରକାର ବା ଭାରପ୍ରାପ୍ତ ଅଧିକାରୀ ପ୍ରଶିକ୍ଷଣର ବ୍ୟବସ୍ଥା କରିବେ ।

(୨) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭିତରେ ଅନ୍ତର୍ଭୁକ୍ତ ରହିବ-

(ଏ) ନବ-ନିଯୁକ୍ତ କର୍ମଚାରୀମାନଙ୍କୁ ମନେଇବା ବା କର୍ମୀବୃନ୍ଦଙ୍କ ଭିତରେ ସାମିଲ୍ କରିବା ,

(ବି) ପ୍ରତି ବର୍ଷରେ ଥରେ ସମସ୍ତ ଯତ୍ନ ନିର୍ବାହକମାନଙ୍କ ପାଇଁ ନବୀକରଣ ତାଲିମ୍ ପାଠ୍ୟକ୍ରମ ଏବଂ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ , ଏବଂ

(ସି) କର୍ମଚାରୀମାନଙ୍କୁ ନେଇ ସମ୍ମିଳନୀ, ସେମିନାର୍ ଓ କର୍ମଶାଳା ।

(୩) ଜାତୀୟ ସର୍ବସାଧାରଣ ସହଯୋଗ ଏବଂ ବାଳୁତ ବିକାଶ ପ୍ରତିଷ୍ଠାନ ଏବଂ ଏହାର ଆଞ୍ଚଳିକ କେନ୍ଦ୍ରମାନଙ୍କ ସହାୟତାରେ ରାଜ୍ୟ ବାଳୁତ ସୁରକ୍ଷା ଶାଖା ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀର କାର୍ଯ୍ୟକାରିତା ପ୍ରକ୍ରିୟାରେ ଜଡିତ କର୍ମଚାରୀମାନଙ୍କର ନିୟମିତ ପ୍ରଶିକ୍ଷଣ ଏବଂ ଦକ୍ଷତାବୃଦ୍ଧିର ବ୍ୟବସ୍ଥା କରିବେ ।

**୯୧. ଚୟନ କମିଟି ଓ ଏହାର ଗଠନ-ଢାଞ୍ଚା -**

ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ବଳରେ ରାଜ୍ୟ ସରକାର ଏକ ଚୟନ କମିଟି ଗଠନ କରିବେ, ଯାହାର କାର୍ଯ୍ୟକାଳ ପାଞ୍ଚବର୍ଷ ହେବ ଏବଂ ଏଥିରେ ନିମ୍ନମତେ ସାତ ଜଣ ସଦସ୍ୟ ରହିବେ, ଯଥା:

(ଏ) ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି, ଯେ କି ଅଧ୍ୟକ୍ଷ ରହିବେ ;

(ବି) ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗରୁ ଜଣେ ପ୍ରତିନିଧି, ଯାହାଙ୍କର ପାହ୍ୟା ନିର୍ଦ୍ଦେଶକଙ୍କ ଠାରୁ ନିମ୍ନରେ ନଥିବ, ଏବଂ ଯେ କି ସଦସ୍ୟ-ସଚିବ ରହିବେ ;

(ସି) ବାଳୁତ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ଏକ ସୁପରିଚିତ ବେସରକାରୀ ସଂଗଠନରୁ ଦୁଇଜଣ ପ୍ରତିନିଧି ;

(ଡି) ସମାଜ ସେବା, ମନସ୍ତତ୍ତ୍ୱ, ସମାଜ ବିଜ୍ଞାନ, ବାଳୁତ ବିକାଶ, ଶିକ୍ଷା, ଆଇନ୍ ଓ ଅପରାଧ ବିଜ୍ଞାନର ପୃଷ୍ଠଭୂମି ଥାଇ ବାଳୁତ ପ୍ରସଙ୍ଗଗୁଡିକ ଉପରେ କାର୍ଯ୍ୟର ଅଭିଜ୍ଞତା ହାସଲ କରିଥିବା ଦୁଇଜଣ ଶିକ୍ଷାନୁଷ୍ଠାନର ପ୍ରତିନିଧି; ଏବଂ

(ଇ) ଜାତୀୟ ବା ରାଜ୍ୟ ମାନବ ଅଧିକାର କମିଶନ୍ ଅଥବା ଜାତୀୟ ବା ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍, ଅଥବା ଜାତୀୟ ବା ରାଜ୍ୟ ମହିଳା କମିଶନ୍‌ରୁ ଜଣେ ପ୍ରତିନିଧି ।

**୯୨. ଚୟନ କମିଟିର କାର୍ଯ୍ୟାବଳୀ-**

(୧) (ଏ) ପରିଷଦ ବା କମିଟିର ସଦସ୍ୟମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଚୟନ କମିଟି ଏହି ସମ୍ବନ୍ଧରେ ହସ୍ତଗତ କରିଥିବା ସେହିସବୁ ଦରଖାସ୍ତକୁ ବିଚାରକୁ ନେବେ, ଯାହାକି ଜିଲ୍ଲା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ଦ୍ୱାରା ଏତଦ୍ ଉଦ୍ଦେଶ୍ୟରେ ପ୍ରକାଶିତ ହୋଇଥିବା ବିଜ୍ଞାପନର ଜବାବ୍‌ରେ ଦାଖଲ ହୋଇଥିବ ।

(ବି) ପ୍ରାପ୍ତ ଦରଖାସ୍ତଗୁଡିକ ମଧ୍ୟରୁ ଚୟନ କମିଟି ପରିଷଦ ବା କମିଟିର ସଭ୍ୟପଦ ପାଇଁ ଏକ ନାମ ତାଲିକା ବାଛିବେ ଏବଂ ସେମାନଙ୍କର ନିଯୁକ୍ତି ପାଇଁ ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବେ ।

(୨) ପରିଷଦ ବା କମିଟିର କୌଣସି ସଦସ୍ୟଙ୍କ ବିରୁଦ୍ଧରେ ଅଭିଯୋଗ ମିଳିଲେ, ଚୟନ କମିଟି ଆବଶ୍ୟକୀୟ ଅନୁସନ୍ଧାନ କରିବେ ଏବଂ ଆବଶ୍ୟକ ସ୍ଥଳେ ଉକ୍ତ ସଦସ୍ୟଙ୍କର ନିଯୁକ୍ତିକୁ ବାତିଲ୍ କରିବା ପାଇଁ ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବେ ।

(୩) (ଏ) ପରିଷଦ ବା କମିଟିର ସଦସ୍ୟ ଭାବେ ନିଯୁକ୍ତି ପାଇଁ ଚୟନ କମିଟି ସୁପାରିଶ୍ କଲାବେଳେ ପରିଷଦ ବା କମିଟି ପାଇଁ ଅଲଗା ଅଲଗା ଏକ ନାମ ତାଲିକା ପ୍ରସ୍ତୁତ କରିଥିବେ, ଯେଉଁମାନେ ପରିଷଦ ବା କମିଟିର କାର୍ଯ୍ୟକାଳ ଭିତରେ ଖାଲି ପଡୁଥିବା ପଦବୀକୁ ପୂରଣ କରିପାରନ୍ତି ।

(ବି) ପରିଷଦ ବା କମିଟିରେ କୌଣସି ସ୍ଥାନ ଖାଲି ପଡିଲେ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କୁ ଉକ୍ତ ଖାଲିସ୍ଥାନର ପୂରଣ ପାଇଁ ଅବଗତ କରାଇବେ ।

(ସି) ଚୟନ କମିଟି ଦ୍ୱାରା ସୁପାରିଶ୍ କରାଯାଇଥିବା ନାମ ତାଲିକାକୁ ଭିତ୍ତି କରି ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାର ଖାଲିସ୍ଥାନକୁ ପୂରଣ କରିବେ ।

(୪) ଆଇନ୍‌ର ଧାରା ୩୫ ଅଧୀନରେ ଆବଶ୍ୟକ ପଡୁଥିବା ରାଜ୍ୟ ବା ଜିଲ୍ଲା ବା ସହର ସ୍ତରୀୟ ନିରୀକ୍ଷକ କମିଟିସମୂହର ଗଠନ ପାଇଁ ଚୟନ କମିଟି ନାମ ତାଲିକା ସୁପାରିଶ୍ କରିବେ ।

**୯୩. ଉପଦେଷ୍ଟା ପରିଷଦସମୂହ-**

(୧) କେନ୍ଦ୍ର ସରକାର ଓ ରାଜ୍ୟ ସରକାର କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ସହର ସ୍ତରରେ ତିନିବର୍ଷ କାର୍ଯ୍ୟକାଳ ପାଇଁ ଉପଦେଷ୍ଟା ପରିଷଦସମୂହ ଗଠନ କରିବେ ।

(୨) କେନ୍ଦ୍ରୀୟ ଉପଦେଷ୍ଟା ପରିଷଦ କେନ୍ଦ୍ର ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ମାଧ୍ୟମରେ ଗଠିତ ହେବ ।

(୩) ରାଜ୍ୟ ସରକାର ରାଜ୍ୟ ଉପଦେଷ୍ଟା ପରିଷଦ, ଜିଲ୍ଲା ଉପଦେଷ୍ଟା ପରିଷଦ ଏବଂ ସହର ସ୍ତରୀୟ ଉପଦେଷ୍ଟା ପରିଷଦ ଗଠନ କରିବେ ।

(୪) ପ୍ରତି ଉପଦେଷ୍ଟା ପରିଷଦ ବର୍ଷକ ଭିତରେ ଅନ୍ତତଃ ଦୁଇଟି ବୈଠକ ଆୟୋଜନ କରିବେ ।

(୫) ଏହି ଉପଦେଷ୍ଟା ପରିଷଦମାନେ ନିଜର କ୍ଷେତ୍ରାଧିକାର ଇଲାକା ଭିତରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନ-ଭିତ୍ତିକ ବା ଅଣ-ଆନୁଷ୍ଠାନିକ ସେବାସମୂହର ନିରୀକ୍ଷଣ କରିବେ ; ଏବଂ ସେମାନଙ୍କ ଦ୍ୱାରା ଦାଖଲ ହେଉଥବା ସୁପାରିଶ୍ ଗୁଡିକ ଉପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ ।

(୬) କେନ୍ଦ୍ର ସରକାର କେନ୍ଦ୍ରୀୟ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ମାଧ୍ୟମରେ କେନ୍ଦ୍ରୀୟ ଉପଦେଷ୍ଟା ପରିଷଦ ଗଠନ କରିବେ, ଯାହାର ମୁଖ୍ୟ ରହିବେ ସଂପୃକ୍ତ ମନ୍ତ୍ରୀ ଏବଂ ସଦସ୍ୟ ରହିବେ ଉକ୍ତ ମନ୍ତ୍ରଣାଳୟର ସଚିବ, ରାଜ୍ୟ ସରକାରମାନଙ୍କର ପ୍ରତିନିଧି, କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କର ବୈଧାନିକ ପ୍ରତିନିଧି, ପ୍ରମୁଖ ବେସରକାରୀ ସଂଗଠନସମୂହ, ବାଳୁତ ବା କିଶୋର ଯତ୍ନ କ୍ଷେତ୍ରରେ ବିଶାରଦ, ବାଳୁତ ଅନୁଷ୍ଠାନସମୂହ ତଥା ଗବେଷଣା ପ୍ରତିଷ୍ଠାନସମୂହ ।

(୭) କେନ୍ଦ୍ରୀୟ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟର ଜଣେ ପଦନାମିତ ଅଧିକାରୀ କେନ୍ଦ୍ରୀୟ ଉପଦେଷ୍ଟା ପରିଷଦର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ ।

(୮) ଏହି ନିୟମାବଳୀର ନିୟମ ୯୧ ଅଧୀନରେ ଗଠିତ ଚୟନ କମିଟି ଜରିଆରେ ରାଜ୍ୟ ସରକାର ରାଜ୍ୟ, ଜିଲ୍ଲା ଏବଂ ସହର ସ୍ତରୀୟ ଉପଦେଷ୍ଟା ପରିଷଦସମୂହ ଗଠନ କରିବେ, ଯାହାର ସଦସ୍ୟ ରହିବେ ରାଜ୍ୟ ସରକାରଙ୍କର ପ୍ରତିନିଧିଗଣ, ତଥା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସଦସ୍ୟ, ଗବେଷଣା ସଂସ୍ଥାସମୂହ, ସ୍ଥାନୀୟ ଭାବେ ସମ୍ମାନୀତ ଓ ଉଦ୍‌ବୁଧ ନାଗରିକବୃନ୍ଦ ତଥା ବେସରକାରୀ ସଂଗଠନସମୂହଙ୍କର ପ୍ରତିନିଧି ।

(୯) ଆଇନ୍‌ର ଧାରା ୬୨(୩) ଅଧୀନରେ ଗଠିତ ହେଉଥବା ଜିଲ୍ଲା ବା ସହର ସ୍ତରୀୟ ଉପଦେଷ୍ଟା ପରିଷଦ ମଧ୍ୟ ଆଇନ୍‌ର ଧାରା ୩୫ ଅଧୀନରେ ଏକ ନିରୀକ୍ଷଣ କମିଟି ଭାବେ କାର୍ଯ୍ୟ କରିବ ।

(୧୦) ଉପଦେଷ୍ଟା ପରିଷଦରେ କୌଣସି ସଦସ୍ୟପଦର ବାତିଲ୍, ଇସ୍ତଫା ବା ଅନ୍ୟ କୌଣସି କାରଣ ଜନିତ ସୃଷ୍ଟି ହୋଇଥିବା ଖାଲିସ୍ଥାନ ଏବଂ ସେହି ସ୍ଥାନରେ ନୂତନ ସଦସ୍ୟମାନଙ୍କର ନିଯୁକ୍ତି ଠିକ୍ ସେହି ରୀତିରେ ସମ୍ପାଦିତ ହେବ ଯାହକି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ ଅନୁସୃତ ହୋଇଥାଏ ।

## ୯୪. ଉନ୍ମୁକ୍ତତା ଏବଂ ସ୍ୱଚ୍ଛତା-

(୧) ଭାରପ୍ରାପ୍ତ ଅଧିକାରୀଙ୍କ ଅନୁମତି କ୍ରମେ ଆସୁଥିବା ପରିଦର୍ଶକମାନଙ୍କ ପାଇଁ ସମସ୍ତ ବାଳୁତ ଗୃହ ଖୋଲା ରହିବ, ତଥା ବାଳୁତମାନଙ୍କର ନିରାପତ୍ତା, କଲ୍ୟାଣ ଏବଂ ସ୍ୱାର୍ଥକୁ ଦୃଷ୍ଟିରେ ରଖି କମିଟି ବା ଯଥାସ୍ଥିତି ଭାରପ୍ରାପ୍ତ ଅଧିକାରୀ ଯଦି ଉଚିତ୍ ମନେ କରନ୍ତି, ତେବେ ସେ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ସମାଜ କର୍ମୀ, ଗବେଷକ, ଚିକିତ୍ସକ, ଶିକ୍ଷାବିତ୍, ବିଶିଷ୍ଟ ନାଗରିକବୃନ୍ଦ, ଗଣମାଧ୍ୟମର ପ୍ରତିନିଧି ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପରିଦର୍ଶନ କରିବା ପାଇଁ ଅନୁମତି ଦେଇପାରନ୍ତି ।

(୨) ଯଦି ସ୍ଥାନୀୟ ଜନସମାଜ ସଂପୃକ୍ତ ଅନୁଷ୍ଠାନକୁ ସେମାନଙ୍କର କୌଣସି ସେବା ବା ନିଜର ଜ୍ଞାନକୁଶଳତା ପ୍ରଦାନ କରିବା ପାଇଁ ଚାହାଁନ୍ତି ତେବେ ଗୃହର ଭାରପ୍ରାପ୍ତ ଅଧିକାରୀ ଗୃହର ବାତାବରଣକୁ ଉନ୍ନତ କରିବା କାର୍ଯ୍ୟରେ ସେମାନଙ୍କର ସଂପୃକ୍ତିକୁ ପ୍ରୋତ୍ସାହନ ଦେବେ ।

(୩) ଭାରପ୍ରାପ୍ତ ଅଧିକାରୀ ଗୋଟିଏ ପରିଦର୍ଶକ ପୁସ୍ତକ ଅନୁରକ୍ଷଣ କରିବେ ଏବଂ ସେଥିରେ ପରିଦର୍ଶକ ମାନେ ଲିପିବଦ୍ଧ କରୁଥିବା ମନ୍ତବ୍ୟଗୁଡ଼ିକୁ ନିରୀକ୍ଷଣ ପାଇଁ ଆସିଥିବା ଉପଦେଷ୍ଟା କର୍ତ୍ତୃପକ୍ଷ ବିଚାର କରିବେ ।

(୪) ଗୋଟିଏ ଅନୁଷ୍ଠାନକୁ ପରିଦର୍ଶନ କଲାବେଳେ ପରିଦର୍ଶକମାନେ ଏଭଳି କିଛି କଥା କହିବେ ନାହିଁ ବା ଏଭଳି କିଛି କାର୍ଯ୍ୟ କରିବେ ନାହିଁ, ଯାହାକି ଭାରପ୍ରାପ୍ତ ଅଧିକାରୀଙ୍କ କର୍ତ୍ତୃତ୍ୱ ଉପରେ ଆଞ୍ଚ ଅଣିବ ବା ଆଇନ୍ ବା ନିୟମାବଳୀର ଉଲ୍ଲଂଘନ କରୁଥିବ ବା ବାଳୁତମାନଙ୍କର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବ ।

(୫) କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ପରିଦର୍ଶକମାନେ ପରିବେକ୍ଷଣ ଗୃହ ବା ସ୍ୱତନ୍ତ୍ର ଗୃହଗୁଡ଼ିକୁ ପରିଦର୍ଶନ କରିପାରନ୍ତି ।

## ୯୫. କିଶୋର ନ୍ୟାୟ ପାଣ୍ଠି-

(୧) ଏହି ଆଇନ୍‌ର ବ୍ୟବସ୍ଥାସମୂହ ଅନୁଯାୟୀ କିଶୋର ବା ବାଳୁତମାନଙ୍କର କଲ୍ୟାଣ ଓ ଥଇଥାନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆଇନ୍‌ର ଧାରା ୬୧ ଅଧୀନରେ ରାଜ୍ୟ ସ୍ତରରେ 'କିଶୋର ନ୍ୟାୟ ପାଣ୍ଠି' ନାମରେ ଏକ ପାଣ୍ଠି ସ୍ଥାପନା କରିବେ (ଯାହାକି ଏତଦ୍ ପରେ କେବଳ 'ପାଣ୍ଠି' ନାମରେ ପରିଚିତ ହେବ) ।

(୨) ଧାରା ୬୧(୨) ଅଧୀନରେ ପ୍ରାପ୍ତ ହେଉଥିବା ଚାନ୍ଦା, ଦାନ ବା ଦେୟ ଛଡା କେନ୍ଦ୍ର ସରକାର ମଧ୍ୟ ଏହି ପାଣ୍ଠିକୁ ଅନୁଦାନ ଯୋଗାଇଦେବେ ।

(୩) ଏହି ପାଣ୍ଠିକୁ ନିମ୍ନୋକ୍ତ ମତେ ବିନିଯୋଗ କରାଯିବ :

(ଏ) କିଶୋର ବା ବାଳୁତମାନଙ୍କର କଲ୍ୟାଣ, ଥଇଥାନ ଏବଂ ପ୍ରତ୍ୟର୍ପଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା ;

(ବି) ବେସରକାରୀ ସଂଗଠନମାନଙ୍କୁ ଅନୁଦାନ ପଇଠ କରିବା ;

(ସି) ଉପରୋକ୍ତ ଉଦ୍ଦେଶ୍ୟସମୂହର ପରିପୂର୍ତ୍ତୀ ପାଇଁ ଆନୁଷଙ୍ଗିକ ଓ ଆବଶ୍ୟକ ମନେ ହେଉଥବା ଅନ୍ୟାନ୍ୟ କାର୍ଯ୍ୟାବଳୀର ସମ୍ପାଦନ ପାଇଁ ।

(୪) ଆଇନ୍‌ର ଧାରା ୬୧(୩) ଅନୁଯାୟୀ ଏହି ପାଣ୍ଠିର ପରିଚାଳନା ଓ ପ୍ରଶାସନ ରାଜ୍ୟ ଉପଦେଷ୍ଟା ପରିଷଦର ନିୟନ୍ତ୍ରଣ ଅଧୀନରେ ରହିବ ।

(୫) ପାଣ୍ଠିର ସମ୍ପତ୍ତିସମୂହ ଭିତରେ ଅନ୍ତର୍ଭୁକ୍ତ ରହିବ କେନ୍ଦ୍ର ଓ ରାଜ୍ୟ ସରକାର ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଅନ୍ୟ କୌଣସି ବୈଧାନିକ ବା ଅଣବୈଧାନିକ ସଂସ୍ଥାଙ୍କ ଠାରୁ ପ୍ରାପ୍ତ ବା ଅଣ-ପୌନପୁନିକ ଅନୁଦାନ ଓ ସହାୟତା ତଥା କୌଣସି ବ୍ୟକ୍ତି ବା ସଂଗଠନରୁ ପ୍ରାପ୍ତ ସ୍ୱେଚ୍ଛାକୃତ ସାହାଯ୍ୟ ।

(୬) ସମସ୍ତ ଅର୍ଥ-ଉଠାଣ ଯଥାସ୍ଥିତି ଚେକ୍ ବା ଡିମାଣ୍ଡ ଡ୍ରାଫ୍ଟ ଜରିଆରେ କରାଯିବ ଏବଂ ତାହା ସଚ୍ଚିବ-ତଥା-କୋଷାଧ୍ୟକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ ଏବଂ ଯେଉଁସ୍ଥଳେ ଉଠାଣ ପରିମାଣ ଏକ ହଜାରରୁ ଅଧିକ ହୋଇଥିବ, ସେପରି ସ୍ଥଳେ ଉଠାଣ ଆଦେଶ ସଚ୍ଚିବ-ତଥା-କୋଷାଧ୍ୟକ୍ଷଙ୍କ ସହିତ ଏଭଳି ଜଣେ ପରିଚାଳନା ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ, ଯାହାଙ୍କୁ ରାଜ୍ୟ ଉପଦେଷ୍ଟା ପରିଷଦ ମନୋନୀତ କରିଥିବେ ।

(୭) ପାଣ୍ଠିର ସମସ୍ତ ଅର୍ଥରାଶି ଏବଂ ସମ୍ପତ୍ତି ତଥା ସମସ୍ତ ଆୟ ଓ ବ୍ୟୟ ଉପରେ ନିୟମିତ ହିସାବ ରଖାଯିବ ଏବଂ ପରିଷଦ ଦ୍ୱାରା ନିଯୁକ୍ତ ହୋଇଥିବା କୌଣସି ଜଣାଶୁଣା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂସ୍ଥା ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଡିଟ୍ କରାଯିବ ।

(୮) ସଚ୍ଚିବ-ତଥା-କୋଷାଧ୍ୟକ୍ଷଙ୍କ ଦ୍ୱାରା ବ୍ୟୟିତ ଅର୍ଥରାଶିକୁ ଅଡିଟର୍‌ମାନେ ମଧ୍ୟ ପ୍ରମାଣୀକୃତ କରିବେ ।

(୯) ସମସ୍ତ ଚୁକ୍ତିନାମା ଏବଂ ଅନ୍ୟାନ୍ୟ ପ୍ରତିଶ୍ରୁତିଗୁଡିକ ପରିଚାଳନା ପରିଷଦ ନାମରେ ସମ୍ପାଦିତ ହେବ ଏବଂ ତାହା ପରିଚାଳନା ପରିଷଦ ତରଫରୁ ସଚ୍ଚିବ-ତଥା-କୋଷାଧ୍ୟକ୍ଷଙ୍କ ସହିତ ପରିଚାଳନା ପରିଷଦର ଏଭଳି ଆଉ ଜଣେ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ, ଯାହାଙ୍କୁ ପରିଚାଳନା ପରିଷଦ ଏହି ଉଦ୍ଦେଶ୍ୟରେ କର୍ତ୍ତୃତ୍ୱ ପ୍ରଦାନ କରିଥିବେ ।

(୧୦) ବିକ୍ରୀ ଲବ୍ଧ ଆୟ ବା ଅନ୍ୟ ଧରଣର ସମ୍ପତ୍ତି ବିକ୍ରୀରୁ ପ୍ରାପ୍ତ ଆୟ, ତଥା ସେହିସବୁ ଅର୍ଥରାଶି ବା ସମ୍ପତ୍ତି, ଯାହାକୁ ପାଣ୍ଠିର ଲକ୍ଷ୍ୟ ପୂରଣ ପାଇଁ ତତ୍‌କ୍ଷଣାତ୍ ବ୍ୟୟ କରିବା ଆବଶ୍ୟକ ପଡୁନି, ସେସବୁକୁ ପରିଚାଳନା ପରିଷଦ ସାମୟିକ ଉଦ୍ଦେଶ୍ୟରେ ସେହିସବୁ କ୍ଷେତ୍ରରେ ଲଗାଣ କରିପାରନ୍ତି, ଯାହାକି ପରିଚାଳନା ପରିଷଦ ବିବେଚନାରେ ଟ୍ରଷ୍ଟପାଣ୍ଠିର ପୁଂଜି-ଲଗାଣ ପାଇଁ ଉଦ୍ଦିଷ୍ଟ ଥିବା ଆଇନ୍ ଅନୁଯାୟୀ ଅନୁମୋଦିତ ।

(୧୧) ପରିଚାଳନା ପରିଷଦ ନିଜର ସଦସ୍ୟମାନଙ୍କୁ ନିଜର ସେହି ଏକ ବା ଏକାଧିକ କ୍ଷମତାକୁ ଅର୍ପଣ କରିପାରନ୍ତି, ଯାହାକି ତାଙ୍କ ବିବେଚନାରେ କେବଳ ପ୍ରକ୍ରିୟାଗତ ବ୍ୟବସ୍ଥା ଉପରେ ଆଧାରିତ ।

**୯୬. ଏହି ନିୟମାବଳୀର ପ୍ରଯୁଜ୍ୟତା-**

ଆଇନ୍‌ର ଧାରା ୬୮ ଅଧୀନରେ ଯେ ପର୍ଯ୍ୟନ୍ତ ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ନିୟମାବଳୀ ସହିତ ଅନୁରୂପତା ରକ୍ଷା କରାଯାଇ ନୂତନ ନିୟମାବଳୀ ପ୍ରଣୀତ ନ ହୋଇଛି, ସେ ପର୍ଯ୍ୟନ୍ତ ଏହି ନିୟମାବଳୀ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ ସହିତ ଉକ୍ତ ରାଜ୍ୟରେ ବଳବତ୍ତର ରହିବ ।

**୯୭. ବକେୟା ମାମଲାସମୂହ-**

(୧) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କୌଣସି କିଶୋର ବା କୌଣସି ବାଳୁତକୁ ଏହି ଆଇନ୍ ଓ ଏହା ଅଧୀନରେ ପ୍ରଣୀତ ନିୟମାବଳୀରେ ନିହିତ ଥିବା ସୁବିଧାରୁ ବଞ୍ଚିତ କରାଯାଇ ପାରିବ ନାହିଁ।

(୨) ଯେଉଁ ସମସ୍ତ ବକେୟା ମାମଲାମାନ ଚୂଡାନ୍ତ ହୋଇପାରିନାହିଁ, ସେହି ସମସ୍ତ ମାମଲାକୁ ଆଇନ୍ ଓ ଏହା ଅଧୀନରେ ପ୍ରଣୀତ ନିୟମାବଳୀର ବ୍ୟବସ୍ଥାଗୁଡିକ ମତେ ବିଚାର ଏବଂ ଫଇସଲା କରାଯିବ।

(୩) ଏହି ନିୟମର ଉପନିୟମ (୧) ଅନୁଯାୟୀ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଯେ କୌଣସି କିଶୋର ବା ଯେ କୌଣସି ବାଳୁତକୁ ସୁବିଧା ପ୍ରଦାନ କରାଯିବ, ଏବଂ ଏକଥା ଏତଦ୍ୱାରା ସ୍ପଷ୍ଟ କରିଦିଆଯାଉଛି ଯେ, ଏତାଦୃଶ ସୁବିଧା ସେହି ସମସ୍ତ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଉପଲବ୍ଧ ହେବ, ଯେଉଁମାନେ କି ସଂପୃକ୍ତ ଅପରାଧ ଘଟିବା ବେଳେ କିଶୋର ବା ବାଳୁତ ଥିଲେ, ଯଦିଓ ଅସମାପ୍ତ ଅନୁସନ୍ଧାନ ବା ବିଚାର ପ୍ରକ୍ରିୟା ସମୟରେ ସେମାନେ କିଶୋର ବା ବାଳୁତ ଅବସ୍ଥାକୁ ଅତିକ୍ରମଣ କରିସାରିଲେଣି।

(୪) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କୌଣସି କିଶୋର ବା କୌଣସି ବାଳୁତର ଅଟକ ଅବଧି ବା ରହଣି ବା ଦଣ୍ଡର ଆକଳନ କଲାବେଳେ, ସେହି କିଶୋର ବା ବାଳୁତ ଯେଉଁ ସମୟ-ଅବଧି ପାଇଁ ହାଜତ୍, ଅଟକ, ରହଣି ବା ଜେଲ୍‌ଦଣ୍ଡ ଅଦ୍ୟାବଧି ଭୋଗି ସାରିଥିବ, ତାହାକୁ ଅଦାଲତ ବା ପରିଷଦଙ୍କ ଚୂଡାନ୍ତ ଆଦେଶରେ ସୂଚୀତ ହୋଇଥିବା ମୋଟ୍ ରହଣି ବା ଅଟକ ବା ଜେଲ୍‌ଦଣ୍ଡର ସମୟ ଅବଧିର ଅଂଶବିଶେଷ ରୂପେ ଗଣନା କରିବାକୁ ପଡିବ।

**୯୮. ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କିଶୋରମାନଙ୍କ କେଶ୍ ଫଇସଲା-**

ରାଜ୍ୟ ସରକାର ବା ଯଥାସ୍ଥିତି ପରିଷଦ ହୁଏତ୍ ସ୍ୱୟଂକ୍ରିୟ ଭାବେ ନଚେତ୍ ଏତଦ୍ ଉଦ୍ଦେଶ୍ୟରେ ଦାଖଲ ହୋଇଥିବା ଏକ ଦରଖାସ୍ତକୁ ଭିତ୍ତି କରି ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ ବ୍ୟକ୍ତି ବା କିଶୋରର ଏକ କେଶ୍‌କୁ ସମୀକ୍ଷା କରି ପାରନ୍ତି, ଆଇନ୍ ଏବଂ ଏହି ନିୟମାବଳୀର ନିୟମ ୧୨ରେ ସ୍ଥାନିତ ବ୍ୟବସ୍ଥାମାନ ଅନୁସାରେ ତା'ର କୈଶୋର ସମ୍ବନ୍ଧରେ ଏକ ନିର୍ଣ୍ଣୟ କରିପାରନ୍ତି ତଥା ଆଇନ୍‌ର ଧାରା ୬୪ ଅଧୀନରେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ସେଭଳି ଜଣେ କିଶୋର ସ୍ୱାର୍ଥରେ ତାକୁ ତୁରନ୍ତ ଖଲାସ କରିବା ପାଇଁ ଏକ ଯଥୋଚିତ ଆଦେଶ ଜାରି କରିପାରନ୍ତି, ଯେ କି ଉକ୍ତ ଆଇନ୍‌ର ଧାରା ୧୫ରେ ଅଟକ ବା ଜେଲ୍‌ଦଣ୍ଡ ପାଇଁ ସୂଚୀତ ହୋଇଥିବା ସର୍ବାଧିକ ସମୟ-ଅବଧିକୁ ଅତିକ୍ରମ କରି ଦଣ୍ଡ ଭୋଗି ସାରିଲାଣି।

**୯୯. ରେକର୍ଡ ଓ ଦଲିଲ୍‌ସମୂହର ନିକାଶ-**

ଜଣେ କିଶୋର ବା ଜଣେ ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କୌଣସି ଜଣେ କିଶୋର ସଂପର୍କୀତ ସମସ୍ତ ରେକର୍ଡ ବା ଦଲିଲ୍ କେବଳ ସାତବର୍ଷ ପାଇଁ ଏକ ନିରାପଦ ସ୍ଥାନରେ ରଖାଯିବ, କିନ୍ତୁ ଅଧିକ ସମୟ ପାଇଁ ନୁହେଁ, ଏବଂ ଏହା ପରେ ସେଗୁଡିକୁ ଭାରପ୍ରାପ୍ତ ଅଧିକାରୀ ବା ଯଥାସ୍ଥିତି ପରିଷଦ ବା କମିଟିଙ୍କ ଦ୍ୱାରା ନଷ୍ଟ କରିଦିଆଯିବ।

**୧୦୦. ପ୍ରତ୍ୟାହାର -**

ଏଫ୍.ନଂ.୧-୩/୨୦୦୧-ଏସ୍.ଡି., ତାରିଖ ୨୨ ଜୁନ୍ ୨୦୦୧ରେ ଭାରତର ଅସାଧାରଣ ଗେଜେଟ୍, ଭାଗ-୧, ଖଣ୍ଡ-୧ର ଉକ୍ତ ତାରିଖରେ ପ୍ରକାଶିତ କିଶୋର ନ୍ୟାୟ (ବାଳୁତମାନଙ୍କ ଯତ୍ନ ଓ ସୁରକ୍ଷା) ନିୟମାବଳୀ, ୨୦୦୧କୁ ଏତଦ୍ୱାରା ପ୍ରତ୍ୟାହାର କରାଗଲା।